
ବର୍ଷ-୨୬, ସଂଖ୍ୟା-୧୧୪
ଭୁବନେଶ୍ୱର
୨୭, ଏପ୍ରିଲ୍ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No. ୧୧୪
Bhubaneswar
27 April, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କେକେଆର ବିଜୟ ଦେଲେ ରିଙ୍କୁ

# ହିଲଟନ୍ ହୋଟେଲ୍‌ରେ ଗୁଳିକାଣ୍ଡ : ଟ୍ରମ୍ପଙ୍କୁ ହତ୍ୟା ଉଦ୍ୟମ ପଣ୍ଡ

ୱାସିଂଟନ, ୨୬।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଆଉ ଏକ ହତ୍ୟା ଉଦ୍ୟମ ବିଶ୍ୱବ୍ୟାପୀ ହଇଚ଼ଇ ସୃଷ୍ଟି କରିଛି। ୱାସିଂଟନର ହିଲଟନ୍ ହୋଟେଲ୍‌ରେ ଗତରାତିରେ ଆୟୋଜିତ ହ୍ୱାଇଟ୍‌ହାଉସ୍ ସାମ୍ବାଦିକ ସଙ୍ଘ ନୈଶଭୋଜି ଅବସରରେ ଏହି ଗୁଳିକାଣ୍ଡ ଘଟିଛି।

## ସିକ୍ରେଟ୍ ସର୍ଭିସ୍ ଦ୍ୱାରା ସଶସ୍ତ୍ର ଅଭିଯୁକ୍ତ କାବୁ

## ବିଶ୍ୱ ନେତାଙ୍କ କଡ଼ା ନିନ୍ଦା

## ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ: ମୋଦୀ







ସୁରକ୍ଷା ବ୍ୟବସ୍ଥା ଭେଦ ଯୋଗୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହି ଉଦ୍‌ବେଗଜନକ ଘଟଣା ଆମେରିକାର ନେତୃତ୍ୱ ପ୍ରତି ବଢୁଥିବା ବିପଦ ଏବଂ ରାଜନୈତିକ ଅସ୍ଥିରତାକୁ ଦର୍ଶାଉଛି। ୱାସିଂଟନ୍ ହିଲଟନ୍‌ର ଏହି ଘଟଣା ୧୯୮୧ ମସିହାରେ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କ ଉପରେ ହୋଇଥିବା ହତ୍ୟା ଉଦ୍ୟମର ସ୍ମୃତିକୁ ପୁଣି ତାଜା କରିଦେଇଛି।

ସ୍ଥାନୀୟ ସମୟ ରାତି ପ୍ରାୟ ୮ଟା ୪୦ (ଭାରତୀୟ ସମୟ ସକାଳ ୬ଟା ୧୦)ରେ ଯେତେବେଳେ ରାଷ୍ଟ୍ରପତି ନିଜର ଅଭିଭାଷଣ ଆରମ୍ଭ କରିବାକୁ ଯାଉଥିଲେ, ହୋଟେଲ୍ ବାହାରେ ଥିବା ମୁଖ୍ୟ ସୁରକ୍ଷା ଯାଞ୍ଚ କେନ୍ଦ୍ର ନିକଟରେ ପ୍ରାୟ ୫ ରୁ ୮ ଥର ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା। ସିକ୍‌ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତତ୍‌କ୍ଷଣାତ୍ ରାଷ୍ଟ୍ରପତି ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଘେରି ଯାଇଥିଲେ। ସେମାନଙ୍କୁ ଶାରୀରିକ ସୁରକ୍ଷା ପ୍ରଦାନ କରିବା ସହ ତୁରନ୍ତ ହୋଟେଲ୍ ଭିତରେ ଥିବା ଏକ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ବଲ୍‌ରୁମ୍ ଭିତରେ ବହୁ ସଂଖ୍ୟାରେ ଅତିଥି, ଯେଉଁଥିରେ କ୍ୟାବିନେଟ୍ ସଦସ୍ୟ ଏବଂ ପ୍ରତିଷ୍ଠିତ ସାମ୍ବାଦିକମାନେ ଥିଲେ, ସେମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା।

ସୁରକ୍ଷା କର୍ମୀମାନେ ସମସ୍ତଙ୍କୁ ଟେବୁଲ୍ ତଳେ ଶୋଇଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆକ୍ରମଣକାରୀ ନାମ କୋଲ୍ ଟୋମାସ୍ ଆଲେନ୍ (୩୧) ବୋଲି ଜଣାପଡିଛି ଏବଂ ସେ କାଲିଫର୍ଣ୍ଣିଆ ଟୋରାନ୍ସର ବାସିନ୍ଦା। ଆଲେନ୍ ଜଣେ ମେକାନିକାଲ୍ ଇଞ୍ଜିନିୟର ଏବଂ ସେ ଏକାଧିକ ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ ସୁରକ୍ଷା ବଳୟ ଭେଦ କରିବାକୁ ଚେଷ୍ଟା କରୁଥିଲା। ଟ୍ରମ୍ପ ନିଜର 'ଟ୍ରୁଥ୍ ସୋସିଆଲ୍' ଆକାଉଣ୍ଟରେ ଅଭିଯୁକ୍ତର କିଛି ଫଟୋ ଏବଂ ସିସିଟିଭି ଫୁଟେଜ୍ ସେୟାର କରିଛନ୍ତି, ଯେଉଁଥିରେ ସେ ସୁରକ୍ଷା ଯାଞ୍ଚ କେନ୍ଦ୍ର ଆଡ଼କୁ ଦୌଡୁଥିବା ଦେଖାଯାଉଛି।

ଏହି ସଂଘର୍ଷ ସମୟରେ ଜଣେ ସିକ୍‌ରେଟ୍ ସର୍ଭିସ୍ ଅଧିକାରୀ ଗୁଳିମାଡ଼ର ଶିକାର ହୋଇଥିଲେ। ସୌଭାଗ୍ୟବଶତଃ, ସେ ପିନ୍ଧିଥିବା ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଯୋଗୁଁ ତାଙ୍କ ଜୀବନ ରକ୍ଷା ପାଇଯାଇଛି। ଏଫ୍‌ବିଆଇ ନିର୍ଦ୍ଦେଶକ କାଶ୍ ପଟେଲ୍ କହିଛନ୍ତି ଯେ ଅଭିଯୁକ୍ତର ପୃଷ୍ଠଭୂମି ଏବଂ ଏହି ଆକ୍ରମଣ ପଛର ଉଦ୍ଦେଶ୍ୟ ଜାଣିବା ପାଇଁ ଖୋଳତାଡ ଜାରି ରହିଛି। ଅଭିଯୁକ୍ତ ଆଲେନ୍ ବିରୋଧରେ ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ ଏବଂ ସଂଘୀୟ ଅଧିକାରୀଙ୍କ ଉପରେ ଆକ୍ରମଣ ଭଳି ଗୁରୁତର ଧାରାରେ ମାମଲା ରୁଜୁ କରାଯାଇଛି। ଏହି ଘଟଣା ପରେ ଏକ ସ୍ୱତନ୍ତ୍ର ଗଣମାଧ୍ୟମ ବିବୃତିରେ ରାଷ୍ଟ୍ରପତି ଟ୍ରମ୍ପ ଅଭିଯୁକ୍ତକୁ ଜଣେ ରୁଗ୍‌ଣ ମାନସିକତାର ବ୍ୟକ୍ତି ଏବଂ 'ଲୋନ୍ ଉଲ୍‌ଫ' (ଏକାକୀ ଆକ୍ରମଣକାରୀ) ବୋଲି ସମ୍ବୋଧନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଆଗକୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ କଡ଼ାକଡ଼ି କରାଯିବ କିନ୍ତୁ ହ୍ୱାଇଟ ହାଉସ୍‌ର ସ୍ୱାଭାବିକ କାର୍ଯ୍ୟକ୍ରମଗୁଡ଼ିକୁ ବନ୍ଦ କରାଯିବ ନାହିଁ। ଏହି ଡିନର ପାର୍ଟିକୁ ପୁଣିଥରେ ଆୟୋଜନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣା ପରେ ସମଗ୍ର ବିଶ୍ୱରୁ ପ୍ରତିକ୍ରିୟା ମିଳିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଏବଂ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେନ୍‌ବାଉମ୍ ପ୍ରମୁଖ ଏହି ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ସୁରକ୍ଷିତ ଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ଆଶ୍ୱସ୍ତି ପ୍ରକାଶ କରିବା ସହ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି କହିଛନ୍ତି।

## ଭୁଲ୍ ଇଞ୍ଜେକ୍ସନ୍ ନେବା ପରେ ଚାଲିଗଲା ଜୀବନ

ଭୁବନେଶ୍ୱର: ପାଦରେ ସାମାନ୍ୟ ବାଁଉଶ ଖୁଞ୍ଚ ପଶିଥିଲା । କିନ୍ତୁ ଡାକ୍ତରଙ୍କ ଭୁଲ ଚିକିତ୍ସା ଯୋଗୁଁ କିଛି କ୍ଷଣ ମଧ୍ୟରେ ଚାଲିଗଲା ନାବାଳକର ଜୀବନ । ଏଭଳି ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଭଦ୍ରକ ଜିଲ୍ଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତ ?ଜନା ପ୍ରକାଶ ପାଇଛି । ମୃତ ନାବାଳକ ଜଣକ ହେଲେ ପଦ୍ମପୁର ପଞ୍ଚାୟତ ମେଳକ ଗ୍ରାମର ଦେବକାନ୍ତ ବାରିକଙ୍କ ପୁଅ ମୁକେଶ ବାରିକ (୧୪) ।

ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ଭଦ୍ରକ ଜିଲ୍ଲା ପଦ୍ମପୁର ପଞ୍ଚାୟତ ମେଳକ ଗ୍ରାମର ମୁକେଶ ବାରିକ ରବିବାର ସକାଳେ ଖେଳୁଥିବାବେଳେ ଏକ ବାଁଉଶ ଖୁଞ୍ଚ ତାଙ୍କ ଆଣ୍ଠୁ ପାଖରେ ପୁଟିଯାଇଥିଲା । ପରିବାର ଲୋକେ ତାଙ୍କୁ ତୁରନ୍ତ ବାସୁଦେବପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ । ସେଠାରେ ଉପସ୍ଥିତ ଥିବା ଡାକ୍ତର ଚିକିତ୍ସା କରିଥିଲେ ଓ ଇଞ୍ଜେକ୍ସନ୍ ଲେଇଥିଲେ । ପିଲାଟିକୁ ଉକ୍ତ ଇଞ୍ଜେକ୍ସନ୍ ଦେବା ପରେ ହଠାତ୍ ପୁଅର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଯାଇଥିଲା ଏବଂ କିଛିସମୟରେ ତାର ପ୍ରାଣ ବାୟୁ ଉଡ଼ିଯାଇଥିଲା । ଡାକ୍ତରଙ୍କ ଭୁଲ ଚିକିତ୍ସା ଯୋଗୁଁ ପୁଅର ଜୀବନ ଯାଇଥିବା କହିଛନ୍ତି ମାଆ ସସ୍ମିତା ବାରିକ । ଏହା ପରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପ୍ରବଳ ଉତ୍ତ ?ଜନା ଦେଖା ଦେଇଛି । ପରିବାର ଲୋକେ ଏବଂ ଗ୍ରାମବାସୀ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ସମୟରେ ପୋଲିସ ଓ ସମ୍ପର୍କୀୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ପରିବାରର ଜଣଙ୍କୁ ଚାକିରୀ ଦେବାକୁ ଦାବି କରିଛନ୍ତି । ସେପଟେ ଅତିରିକ୍ତ ଏସପି, ସଦର ଏସଡିପିଓ ଓ ଉପଜିଲ୍ଲାପାଳ ପ୍ରମୁଖ ଘଟଣାସ୍ଥଳେ ପହଁଚି ସ୍ଥିତି ପରଖିଛନ୍ତି । ଡାକ୍ତରଖାନା ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

## ଏମବିଏ ଛାତ୍ରୀଙ୍କୁ ଦୁଷ୍କର୍ମ

ଭୁବନେଶ୍ୱର, ୨୬।୩(ମହାଭାରତ):: ରାଜଧାନୀରେ ଲଜ୍ଜା । ଏମବିଏ ଛାତ୍ରୀଙ୍କୁ ଦୁଷ୍କର୍ମ କରି ବନ୍ଧା ହୋଇଛନ୍ତି ବୃଦ୍ଧ । ସେ ହେଲେ ୬୭ ବର୍ଷୀୟ ଦିପକ ପ୍ରଧାନ । ସେ ଜଣେ ଗ୍ରୋସରୀ ଦୋକାନୀ ଅଟନ୍ତି । ଇନଫୋସିଟି ଥାନା ଅଞ୍ଚଳରେ ଜଣେ ଏମବିଏ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା । ବୃଦ୍ଧଙ୍କ ଦୋକାନ ନିକଟରେ ଏକ ଛାତ୍ରୀନିବାସ ରହିଥିଲା । ଉକ୍ତ ଦୋକାନୀ ଜଣକ ହଷ୍ଟେଲରେ ପଶି ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୋଲିସ ସମସ୍ତ ସିସିଟିଭି ଫୁଟେଜ ଏବଂ ଅନ୍ୟ ପାରିପାର୍ଶ୍ୱିକ ପ୍ରମାଣକୁ ନେଇ ତଦନ୍ତ କରିବା ପରେ ବୃଦ୍ଧଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି । ସେପଟେ ବୃଦ୍ଧଙ୍କୁ କୋର୍ଟରେ ହାଜର କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ତଦନ୍ତ ଜାରି ରଖିଛି ।

## ମହାପ୍ରଭୁଙ୍କୁ ଟ୍ରକ୍‌ରେ ବୁଲାଇଲେ: ଆମେରିକାର ହ୍ୟୁଷ୍ଟନ୍‌ରେ ଅଦିନିଆ ରଥଯାତ୍ରା

ପୁରୀ, ୨୬।୩(ମହାଭାରତ): ପୁଣି ଅତିଥିରେ ରଥଯାତ୍ରା ପାଳନ କରିଛି ଇସ୍କନ। ଶାସ୍ତ୍ରକୁ ଉଲ୍ଲଂଘନ କରି ଖାଲି ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉନାହାଁନ୍ତି, ବରଂ ମହାପ୍ରଭୁଙ୍କୁ ମଧ୍ୟ ଅପମାନ କରୁଛନ୍ତି। ଆମେରିକାର ଟେକ୍ସାସ ପରେ ହ୍ୟୁଷ୍ଟନ୍‌ରେ ଅନୁଷ୍ଠିତ ହୋଇଛି ଅଦିନିଆ ରଥଯାତ୍ରା। ଏପରିକି ଏକ ମିନି ଟ୍ରକ୍‌ରେ ମହାପ୍ରଭୁଙ୍କୁ ବୁଲାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ରଥଯାତ୍ରାରେ ନାମରେ ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖାଯାଇଛି ଆମେରିକାର ହ୍ୟୁଷ୍ଟନ୍ ସହରରେ।

ଅଦିନିଆ ରଥଯାତ୍ରାକୁ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଏବଂ ସେବାୟତଙ୍କ ପକ୍ଷରୁ ବିରୋଧ ପରେ ମଧ୍ୟ ବିଦେଶରେ ଏହାକୁ ବେଖାତିର କରାଯାଉଛି। ରଥଯାତ୍ରା ଲାଗି ସ୍ୱତନ୍ତ୍ର ତିଥି ଥିଲେ ମଧ୍ୟ ଏହାକୁ ନମାନି ବିଭିନ୍ନ ସମୟରେ ରଥଯାତ୍ରା କରିଯାଇଛି। ଗତ ୧୧ ତାରିଖରେ ଏହି ରଥଯାତ୍ରା ଆୟୋଜନ କରାଯାଇଛି। ବିଶ୍ୱ ନିୟନ୍ତାଙ୍କୁ ଏପରି ଅସମ୍ମାନକୁ ନିନ୍ଦା କରିଛନ୍ତି ଜଗନ୍ନାଥପ୍ରେମୀ ଓ ସେବାୟତ।



ନିକଟରେ ଅଷ୍ଟ୍ରେଲିଆ ବ୍ରିସବେନର କିଙ୍ଗ ଜର୍ଜ ସ୍କାୟାରରେ ରଥଯାତ୍ରା କରାଯାଇଥିଲା। ଆମେରିକାର ଟେକ୍ସାସ ସ୍ଥିତ ଡାଉନଟାଉନ୍ ଡଲାସର କ୍ଲାଇଡ୍ ୱାରେନ ପାର୍କରେ ମଧ୍ୟ 'ଫେଷ୍ଟିଭ୍ ଅଫ ଜୟ' ନାଁରେ ରଥଯାତ୍ରା ପାଳନ ହୋଇଥିଲା। ବାରମ୍ବାର ଏନେଇ ଇସ୍କନକୁ ଚିଠି ଓ ଇମେଲ୍ ସତ୍ତ୍ୱେ ଏହାକୁ ଅମାନ୍ୟ କରିଚାଲିଛି ଏହି ସଂସ୍ଥା। ନିକଟରେ ଗଜପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ ଏ ସମ୍ପର୍କରେ ପୁନର୍ବାର ଇସ୍କନକୁ ଇମେଲ୍ ଯୋଗେ ଏଥିରୁ କ୍ଷାନ୍ତ ରହିବା ପାଇଁ କୁହାଗଲା। ତଥାପି ବିଦେଶରେ ଆମେରିକା ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇ ଇସ୍କନ ରଥଯାତ୍ରା ଆୟୋଜନ କରିଛି।

ଏନେଇ ଶ୍ରୀମନ୍ଦିର ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଟ୍ରକରେ ପରିକ୍ରମା କରାଇବା ମହାପ୍ରଭୁଙ୍କୁ ଅପମାନ ଏବଂ ନିନ୍ଦନୀୟ। ବାରମ୍ବାର ଶାସ୍ତ୍ର ବିରୋଧୀ କାର୍ଯ୍ୟ କରିଚାଲିଥିବା ବେଳେ ଏବେ ପୁଣି ଟ୍ରକ୍‌ରେ ମହାପ୍ରଭୁଙ୍କୁ ବୁଲାଇବା ସବୁ ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିତାନ୍ତ ଆବଶ୍ୟକ। ଏନେଇ ଜଗନ୍ନାଥ ସଂସ୍କୃତି ଗବେଷକ ହରିହର କାନୁନଗୋ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶାସ୍ତ୍ରକୁ ଅମାନ୍ୟ କରି ବାରମ୍ବାର ରଥଯାତ୍ରା ଆୟୋଜନ କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି। ସେ କହିଛନ୍ତି, ମହାପ୍ରଭୁଙ୍କୁ ଟ୍ରକ୍‌ରେ ଟ୍ରାକ୍ଟରେ ବୁଲାଇବା ନିନ୍ଦନୀୟ ଘଟଣା। ଠାକୁରଙ୍କୁ କିପରି ବୁଲାଯାଏ ସେମାନେ ଜାଣି ନାହାନ୍ତି। ଯେଉଁଭଳି ଭାବେ ଉଦଣ୍ଡ ନୃତ୍ୟ କରି ଠାକୁରଙ୍କୁ ଗାଡିରେ ବୁଲାଉଛନ୍ତି ତାହା ଆମ ଆତ୍ମାକୁ ଆଘାତ ଦେଉଛି। ଏପରି ଅପରାଧ କରୁଥିବା ଲୋକଙ୍କ ବିରୋଧ ଦୃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ସେହିପରି ରାଜ୍ୟର ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିର ସେବାୟତ ଓ ସଂଗଠନ ପକ୍ଷରୁ ଏପରି କାର୍ଯ୍ୟକୁ ନିନ୍ଦା କରାଯାଇଛି।

## ୨୮ରୁ ବଦଳିବ ପାଗ

ଭୁବନେଶ୍ୱର ୨୬।୪(ମହାଭାରତ): : ଲଗାତାର ଦୁଇ ସପ୍ତାହ ଅସହ୍ୟ ତାତି ପରେ ୨୮ରୁ ବଦଳିବ ପାଗ । ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ଉତ୍ତପ୍ତ ବାୟୁ ବାୟୁମଣ୍ଡଳରେ ପ୍ରବେଶ କରି ପ୍ରତିକ୍ରିୟାଶୀଳ ହୋଇ, ବିପଦଜନକ କାଳବୈଶାଖୀ ପ୍ରକ୍ରିୟା ସୃଷ୍ଟି ହେବାର ସମ୍ଭାବନା ଅଛି । ଏହାର ପ୍ରଭାବରେ ରାଜ୍ୟରେ ଆଗାମି ୫ଦିନ ଯାଏ ରାଜ୍ୟରେ ଲାଗି ରହିବ କାଳବୈଶାଖୀ ବର୍ଷା ।

ଏପ୍ରିଲ ୨୮ରୁ ବିଭିନ୍ନ ସ୍ଥାନରେ ବଡ ବର୍ଷା ହେବାର ଆଶଙ୍କା ରହିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଏପ୍ରିଲ ୨୮ରୁ ମେ' ୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ନେଇ ୧୧ ଜିଲ୍ଲାକୁ ହଳଦିଆ ଚେତାବନୀ ଦେଇଛି ପାଣିପାଗ କେନ୍ଦ୍ର । ଏହାସହ କୋରାପୁଟ, ରାୟଗଡା, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସାଙ୍ଗକୁ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନାକୁ ନେଇ ଆଲର୍ଟ ଜାରି ହୋଇଛି । ବର୍ଷା ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଘଣ୍ଟାପ୍ରତି ୪୫ରୁ ୫୫ ଏବଂ ସର୍ବାଧିକ ୬୬ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେଥିପାଇଁ ୨୪ ଘଣ୍ଟା ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି । ରାଜ୍ୟର ଉତ୍ତପ୍ତ ସହର ପାଲଟିଛି ଝାରସୁଗୁଡା । ହୀରାକୁଦ, ରାଉରକେଲା, ସମ୍ବଲପୁରର ତାପମାତ୍ରା ୪୨ଡିଗ୍ରୀ ଉପରେ ରହିଛି। ପଶ୍ଚିମ ଓଡିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରି ଟପିବା ଯୋଗୁଁ ଅସହ୍ୟ ଗରମ ହେଉଛି। ଦିନ ରାତି ଝାଞ୍ଜି ପବନ ଟାଇଁ ଟାଇଁ ଫୋଡି ହୋଇଯାଉଛି। ଉପକୂଳରେ ଯଦିଓ ତାତି ଟିକେ କମିଛି, କଳବଳ କରୁଛି ପ୍ରବଳ ଗୁଳୁଗୁଳି।

## ଗରମ ପାଇଁ ଆସନ୍ତାକାଲି ହେବ ନାହିଁ ଅଭିଯୋଗ ଶୁଣାଣି


ଭୁବନେଶ୍ୱର: ଆସନ୍ତା କାଲି ସୋମବାର ( ଏପ୍ରିଲ ୨୭ ତାରିଖ) ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥଗିତ ରହିଛି । ଭୁବନେଶ୍ୱର ୟୁନିଟ-୨, ଅଶୋକ ନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ନିକଟରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥଗିତ ରହିବ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

## ଖସି ଯାଉଛନ୍ତି ସାଇବର୍ ଅପରାଧୀ

# ୪୯ ଦୋଷୀ : ୪୦୦ ନିର୍ଦ୍ଦୋଷ

କଟକ ୨୬।୪(ମହାଭାରତ): : ରାଜ୍ୟରେ ସାଇବର୍ ଅପରାଧ ମାମଲା ଯେଉଁ ହାରରେ ବୃଦ୍ଧି ପାଉଛି ତାହାର ଏକ ଭୟଙ୍କର ଚିତ୍ର ସାମନାକୁ ଆସିଛି। ଗଲା ୫ବର୍ଷ ଭିତରେ ସାଇବର୍ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ସଂଖ୍ୟା ୪୯ ଥିବାବେଳେ ନିର୍ଦ୍ଦୋଷଙ୍କ ସଂଖ୍ୟା ୪୦୦ ରହିଛି। ଅନ୍‌ଲାଇନ୍‌ରେ ଆର୍ଥିକ ଠକେଇ, ଯୌନଶୋଷଣର ଶିକାର ହୋଇ ନ୍ୟାୟ ଅପେକ୍ଷାରେ ଥିବା ପୀଡ଼ିତଙ୍କ ପାଇଁ ଏ ଚିତ୍ର ବିବ୍ରତ କରିବା ଭଳି।

ଓଡ଼ିଶା ପୁଲିସର ତଥ୍ୟ ଅନୁଯାୟୀ, କରୋନା ସମୟରେ ଲୋକେ ଘରୁ ନ ବାହାରି ଅନ୍‌ଲାଇନ୍‌ରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପୋଷାକ ଏବଂ ଅନ୍ୟାନ୍ୟ ଘର କରଣା ସାମଗ୍ରୀ କିଣିବାକୁ ଅଧିକ ପସନ୍ଦ କଲେ। ଏହା ପରେ ସାଇବର୍ ଅପରାଧୀ ରାଜ୍ୟରେ ଦ୍ରୁତ ଗତିରେ ସକ୍ରିୟ ହୋଇଥିବା କୁହାଯାଉଛି। ୨୦୨୩ରେ ରାଜ୍ୟରେ ୨,୩୪୮ଟି ସାଇବର୍ ଅପରାଧ ମାମଲା ରୁଜୁ ହୋଇଛି। ପୂର୍ବବର୍ଷମାନଙ୍କର ୩୨ଶହ ମାମଲା ପଡ଼ିରହିଥିଲା। ଏହି ବର୍ଷ ୪୮୭ ଜଣ ସାଇବର ଅପରାଧୀ ଗିରଫ ହୋଇଛନ୍ତି। ମାମଲାର ବିଚାର ପରେ ୧୮ ଜଣ ସାଇବର୍ ଅପରାଧୀ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୩୬ ଜଣ



ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ୨୦୨୨ରେ ୧,୯୮୩ଟି ମାମଲା ରୁଜୁ ହୋଇଛି। ପୂର୍ବବର୍ଷର ୩୭୦୫ ମାମଲା ପଡ଼ିରହିଥିଲା। ୩୭୯ ଗିରଫ ହୋଇଥିବା ବେଳେ ୩ଜଣ ଦୋଷୀ ଓ ୧୯ଜଣ ଖଲାସ ହୋଇଛନ୍ତି। ୨୦୨୧ରେ ୨୦୩୭ ମାମଲା ରୁଜୁ ହୋଇଥିବା ବେଳେ ପୂର୍ବବର୍ଷର ୩୬ଶହ ମାମଲା ପଡ଼ିରହିଥିଲା। ୩୬୩ ଜଣ ଗିରଫ ହୋଇଛନ୍ତି। ଦୋଷୀ ସାବ୍ୟସ୍ତହାର ଶୂନ ଓ ନିର୍ଦ୍ଦୋଷ ସଂଖ୍ୟା ୨ ଜଣ। ୨୦୨୦ରେ ୧୯୩୧ ମାମଲା ରୁଜୁହୋଇଥିବା ବେଳେ ପୂର୍ବବର୍ଷର ୨୫୧୨ ମାମଲା ପଡ଼ିରହିଥିଲା। ୩୬୯ ଜଣ ଗିରଫ ହୋଇଛନ୍ତି। ଦୋଷୀ ସାବ୍ୟସ୍ତ ଶୂନ ଓ ନିର୍ଦ୍ଦୋଷ ଜଣେ ହୋଇଛି। ୨୦୧୯ରେ ୧୪୮୫ ମାମଲା ରୁଜୁ ହୋଇଥିବା ବେଳେ ପୂର୍ବବର୍ଷର ମୋଟ ୨୫୧୨ଟି ମାମଲା ପଡ଼ି ରହିଥିଲା। ଗିରଫ ସଂଖ୍ୟା ରହିଛି ୩୧୬।

ଦୋଷୀ ହାର ଶୂନ ଓ ନିର୍ଦ୍ଦୋଷ ସଂଖ୍ୟା ବି ଶୂନ ରହିଛି। ୨୦୧୮ରେ ୮୪୩ଟି ମାମଲା ରୁଜୁ ହୋଇଥିବା ବେଳେ ପୂର୍ବବର୍ଷର ୧୫୩୨ ମାମଲା ପଡ଼ିରହିଥିଲା। ୨୫୪ ଜଣ ଗିରଫ ହୋଇଛନ୍ତି। ୨୮ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୩୪୨ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଦଣ୍ଡହାର ନ ବଢ଼ିବା ପଛରେ ବିଭିନ୍ନ ବୈଷୟିକ କାରଣ ଦାୟୀ ବୋଲି ଜଣେ ସାଇବର୍ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ୫ ବର୍ଷ ତଳେ ରାଜ୍ୟରେ ସାଇବର୍ ଅପରାଧୀ କେବଳ ଝାଡଖଣ୍ଡ ଜିଲ୍ଲା ଜାମତାଡାରୁ ଦେଶରେ ସାଇବର୍ ଅପରାଧ ନିୟନ୍ତ୍ରଣ କରୁଥିଲେ। କିନ୍ତୁ ଏବେ ଜାମତାଡା ସହିତ ଦିଲ୍ଲୀ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଇତ୍ୟାଦି ରାଜ୍ୟ ଯୋଡ଼ିହୋଇଛି। ସାଇବର୍ ଅପରାଧୀ ଭଡ଼ାରେ ବ୍ୟାଙ୍କ ଆକାଉଣ୍ଟ ଆଣି ସେଥିରେ ଅର୍ଥ କାରବାର କରୁଥିବାରୁ ପ୍ରକୃତ ଅପରାଧୀ ନିକଟରେ ପହଞ୍ଚିବା ପୁଲିସ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଭିପିଏନ୍ ବ୍ୟବହାର କରାଯାଉଥିବାରୁ କମ୍ପ୍ୟୁଟର୍ ଓ ମୋବାଇଲ୍‌ର ପ୍ରକୃତ ଆଇପି ଆଡ୍‌ରେସ୍ ଠାବ କରିବା କଷ୍ଟକର ହୋଇପଡୁଛି। ସେହିପରି ମୋବାଇଲ୍ ନମ୍ବରଗୁଡ଼ିକ ଅନ୍‌ଲାଇନ୍‌ରୁ ପ୍ରସ୍ତୁତ ହେଉଥିବାରୁ ଏହାକୁ ଟ୍ରାକ୍ କରିବା ପୁଲିସ ପାଇଁ କଷ୍ଟକର ହେଉଛି।

## ଦ୍ୱନ୍ଦ୍ୱରେ ବିଜେଡି, କଂଗ୍ରେସ: ନିଲମ୍ବିତ ବିଧାୟକଙ୍କ ଉପରେ ନିଷ୍ପତ୍ତି ହୋଇପାରୁନି

ଭୁବନେଶ୍ୱର, ୨୬।୪(ମହାଭାରତ): ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ମାନିଲେନି ୧୧ ବିଧାୟକ। ବିଜେଡିର ୮ ଜଣ, କଂଗ୍ରେସର ୩ ଜଣ। ଦଳର ନିଷ୍ପତ୍ତି ଅମାନ୍ୟ କଲେ ସଭ୍ୟ ପଦ ରଦ୍ଦ ହେବ ବୋଲି ଉଭୟ ଦଳ ଆଗୁଆ ସତର୍କବାଣୀ ଦେଇଥିଲେ। ତାହା ସତ୍ତ୍ୱେ ୧୧ ବିଧାୟକ ନିଜ ଇଚ୍ଛାରେ ନିଷ୍ପତ୍ତି ନେଲେ। ଏବେ ସେମାନଙ୍କ ବିରୋଧରେ ଉଭୟ ଦଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏହି ବାଟଟି ଏତେ ସହଜ ହେଉନି। ବାଚସ୍ପତିଙ୍କୁ କଂଗ୍ରେସ ମାସକ ତଳେ ଦାବିପତ୍ର ଦେଇଥିଲା ବେଳେ ଏବେ ବିଜେଡିର ମନେ ପଡିଛି। କିନ୍ତୁ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ଉଭୟ ଦଳର ପରବର୍ତ୍ତୀ ପଦକ୍ଷେପ ନିର୍ଭର କରୁଛି।

ମାର୍ଚ୍ଚ ୧୬ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ୧୧ ବିଧାୟକ ଦଳର ନିଷ୍ପତ୍ତି ବିରୋଧରେ ଯାଇ ଭୋଟ୍ ଦେଇଥିଲେ। ସେମାନେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଭୋଟ ନ ଦେଇ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇଥିଲେ। ଫଳରେ ଶ୍ରୀ ରାୟ ବିଜୟୀ ହୋଇଥିଲେ। ଏହାକୁ ନେଇ ରାଜ୍ୟରେ ରାଜନେତିକ ଝଡ ସୃଷ୍ଟି ହୋଇଥିଲା। ବିଜେଡି ଓ କଂଗ୍ରେସର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଥିଲା। ନିର୍ବାଚନର ଦୁଇ ଦିନ ପରେ ଅର୍ଥାତ ୧୮ ତାରିଖରେ କଂଗ୍ରେସ ପକ୍ଷରୁ ବାଚସ୍ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଦୁଇ ଜଣ ବିଧାୟକ ସୋଫିଆ ଫିରଦୋସ ଓ ଦାଶରଥି ଗମାଙ୍ଗୋଙ୍କ ସଭ୍ୟ ପଦ ରଦ୍ଦ ପାଇଁ କୁହାଯାଇଥିଲା। ସେମାନେ ଦଳୀୟ ଶୃଙ୍ଖଳାକୁ ଅବମାନନା କରିବା ସହ ସାମ୍ବିଧାନିକ ନିୟମର ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ସମ୍ବିଧାନର ଦଶମ ଅନୁଚ୍ଛେଦ ଅନୁସାରେ ତାଙ୍କ ସଭ୍ୟ ପଦ ରଦ୍ଦ କରାଯାଉ ବୋଲି ଏଥିରେ ଦର୍ଶାଯାଇଥିଲା। ୨୩ ତାରିଖରେ ବିଧାୟକ ରମେଶ ଜେନାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ପୁନର୍ବାର ଦାବିପତ୍ର ଦିଆଯାଇଥିଲା।

ବିଜେଡି ପକ୍ଷରୁ ଗତ ବିଧାନସଭା ଅଧିବେଶନ ସମୟରେ ସଭ୍ୟ ପଦ ରଦ୍ଦ ପାଇଁ କେଣସି ଦାବିପତ୍ର ପ୍ରଦାନ କରାଯାଇ ନଥିଲା। ତେବେ ମାର୍ଚ୍ଚ ୧୭ ତାରିଖରେ ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ସେମାନେ ହେଲେ ସୁବାସିନୀ ଜେନା, ଦେବୀ ରଞ୍ଜନ ତ୍ରିପାଠୀ, ନବକିଶୋର ମଲ୍ଲିକ, ରମାକାନ୍ତ ଭୋଇ, ସେଭିକ ବିଶ୍ୱାଳ ଓ ଚକ୍ରମଣି କହଁର। ଦଳୀୟ ନିଷ୍ପତ୍ତି ଅମାନ୍ୟ କରି ବିଜେଡିର ସଦସ୍ୟତାକୁ ସ୍ୱେଚ୍ଛାକୃତ ଭାବେ ଛାଡୁଛନ୍ତି ବୋଲି ଧରିନେବାକୁ ହେବ ବୋଲି ନୋଟିସ୍‌ରେ କୁହାଯାଇଥିଲା। ୨୦ ତାରିଖରେ ଏହି ଛଅ ବିଧାୟକ ନୋଟିସ୍‌ର ଉତ୍ତର ରଖିଥିଲେ। ଏହି ନୋଟିସକୁ ବେଆଇନ ଓ ଭିତ୍ତିହୀନ ବୋଲି ଆରୋପ ଲଗାଇବା ସହ ନୋଟିସ୍ ପ୍ରତ୍ୟାହାର ନକଲେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ। ୨୧ ତାରିଖରେ ବିଜେଡି ଏହି ଛଅ ଜଣଙ୍କୁ ନିଲମ୍ବିତ କରିଥିଲା। ରାଜ୍ୟସଭା ନିର୍ବାଚନର ଯଥେଷ୍ଟ ପୂର୍ବରୁ ଭିନ୍ନ କାରଣ ପାଇଁ ଦୁଇ ଜଣ ବିଧାୟକ ସନାତନ ମହାକୁଡ ଓ ଅରବିନ୍ଦ ମହପାତ୍ର ନିଲମ୍ବିତ ହୋଇଥିଲେ। କିନ୍ତୁ ବିଜେଡି ପକ୍ଷରୁ ସେମାନଙ୍କ ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତିଙ୍କୁ ଲିଖିତ ଭାବେ ଦିଆଯାଇ ନଥିଲା। ପ୍ରଚଳିତ ନିୟମ ଅନୁଯାୟୀ ନିର୍ବାଚନର ୪୫ ଦିନ ଭିତରେ ବାଚସ୍ପତିଙ୍କୁ ଲିଖିତ ଦାବିପତ୍ର ଦେବା କଥା। ସେହି ଅନୁଯାୟୀ ୪୨ ଦିନ ହୋଇଗଲାଣି। ଆସନ୍ତାକାଲି ବିଜେଡିର ସବୁ ବିଧାୟକ ମିଳିତ ଭାବେ ଯାଇ ବିଧାନସଭା ପରିସରରେ ବାଚସ୍ପତିଙ୍କୁ ଭେଟି ୮ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଦାବିପତ୍ର ପ୍ରଦାନ କରିବେ। ଏଥି ପାଇଁ ସବୁ ବିଧାୟକଙ୍କୁ ୧୧ଟା ପୂର୍ବରୁ ଶଙ୍ଖ ଭବନରେ ପହଞ୍ଚିବାକୁ କୁହାଯାଇଛି। ସେଠାରୁ ସେମାନେ ଏକାଠି ହୋଇ ବିଧାନସଭା ଅଭିମୁଖେ ଯିବେ। କିନ୍ତୁ ଦାବିପତ୍ର ପ୍ରଦାନ କରିବାକୁ ହଠାତ୍ ସବୁ ବିଧାୟକଙ୍କୁ କାହିଁକି ଡକରା ପଡିଲା, ତାହା ରହସ୍ୟଜନକ ହୋଇପଡିଛି।

ଶରତ ଯାଦବଙ୍କ ରାଜ୍ୟସଭା ସଦସ୍ୟତା ରଦ୍ଦର ଉଦାହରଣ ଦେଇ ବିଜେଡି ଓ କଂଗ୍ରେସ ଅମାନିଆ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ କୋର୍ଟକୁ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ବାଚସ୍ପତି ଉଭୟ ଦଳର ଦାବିକୁ ଅଗ୍ରାହ୍ୟ କଲେ ହିଁ ସେମାନେ କୋର୍ଟକୁ ଯିବେ। ବାଚସ୍ପତି କେବେ ସୁଦ୍ଧା ନିଷ୍ପତ୍ତି ନେବେ, ତାହାର ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ବାଚସ୍ପତି ଚୂଡାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଉଭୟ ପକ୍ଷରୁ ଶୁଣିବେ। ତେଣୁ ଏହା ସମୟସାପେକ୍ଷ। ଏ ପର୍ଯ୍ୟନ୍ତ କଂଗ୍ରେସର ଦାବିପତ୍ର ଉପରେ ନିଷ୍ପତ୍ତି ନିଆଯାଇ ନାହିଁ। ଯଦି ବାଚସ୍ପତି ବିଳମ୍ବ କରନ୍ତି, ତେବେ ପରବର୍ତ୍ତୀ ଆଇନଗତ ପଦକ୍ଷେପ କ'ଣ ହୋଇପାରିବ, ତାହା ଉପରେ ବି ଦୁଇ ଦଳ ତର୍ଜମା କରୁଛନ୍ତି।

## ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ, କଟାପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡ଼ର, କଟା ଧନିଆ ପତ୍ର ଓ ତେଲ।।


ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏକ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କାଗୁଣ୍ଡ,ଚାଟ ମସଲା, ଆମଚୁର ପାଉଡ଼ର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗମର ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତ। ଏବେ ପ୍ରସ୍ତୁତ ହୋଇଗଲା ଛତୁ ପରଟା' । ଏହାକୁ ଚଟଣି,ସସ କିମ୍ବା ଦହି ସହିତ ଗରମ ଗରମ ଖାଆନ୍ତୁ।



ଖବର

## ପୁଣି ଚର୍ଚ୍ଚାରେ ରାଖୀ ସାୱନ୍ତ, ଲଭ୍ ଲାଇଫ୍ ସମ୍ପର୍କରେ କଲେ ଖୁଲାସା



ପୁଣି ଚର୍ଚ୍ଚାରେ ରାଖୀ ସାୱନ୍ତ। ଏକ ରିଆଲିଟି ଶୋ'ରେ ତାଙ୍କ ଲଭ୍ ଲାଇଫ୍ ସମ୍ପର୍କରେ ଖୁଲାସା କରିଛନ୍ତି । ତାଙ୍କର ୨ ଥର ଛାଡପତ୍ର ହେବା ପରେ ମଧ୍ୟ ସେ ପୁଣି ରାକେଶ ବାପତଙ୍କ ପ୍ରେମରେ ପଡିଛନ୍ତି ବୋଲି କହିଛନ୍ତି । ତାଙ୍କର ଏକତରଫା ପ୍ରେମ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି । ଯାହା ଏବେ ସୋସିଆଲ ମିଡିଆରେ ଖୁବ୍ ଜୋର ଧରିଛି ୟରାଖୀ ସାୱନ୍ତ କୌଣସି ଏକ ଗଣମାଧ୍ୟମ ଆଗରେ କହିଛନ୍ତି ଯେ, ''ମୁଁ ପ୍ରେମରେ ପଡିଛି ।''ଯେତେବେଳେ ତାଙ୍କୁ ପଚରାଗଲା ସେ ରାକେଶ ବାପତ କି ? ସେତେବେଳେ ସେ ପୁଣି କହିଥିଲେ ''ମହାରାଷ୍ଟ୍ର ସମ୍ପ୍ରଦାୟରେ ପୁରୁଷମାନଙ୍କର ନାଁ ଧରାଯାଏନାହିଁ । କିନ୍ତୁ ହଁ ଏତେ ବି କେହି ଆଶା କରନାହିଁ । କାହିଁକିନା ଏହା ଏକତରଫା ପ୍ରେମ ''ଯଦି ରାକେଶଙ୍କ କ୍ୟାରିଅର କଥା କୁହାଯାଏ ତେବେ ''ତୁମ୍ ବିନ୍ ଜାଉଁ କହାଁ' ପାଇଁ ସେ ବେଶ୍ ପରିଚିତ ହୋଇପାରିଥିଲେ । ଲୋକପ୍ରିୟ ଶୋ' 'କୁବୁଲ ହେ'ରେ ମଧ୍ୟ ସେ ନଜର ଆସିଥିଲେ । ଏଥିସହିତ 'ବିଗ୍ ବସ୍'ଶୋ'ରେ ମଧ୍ୟ ସେ ସାମିଲ ହୋଇଥିଲେ ।

## ଦେବୀ ଭୁବନେଶ୍ୱରୀ



ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ (ଭୁବନ+ଈଶ୍ୱରୀ) ହୋଇଛି । ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି । ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ । ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ । ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ । ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡୁର ପୁଡୁକୋଟ୍ଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି । ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ ।

## ଶ୍ରୀକୃଷ୍ଣଙ୍କ ଶାନ୍ତି ପ୍ରସ୍ତାବ

ମହାଭାରତରେ ପାଣ୍ଡବଙ୍କ ଅଜ୍ଞାତବାସ ସମାପ୍ତି ହେବା ପରେ କୌରବଙ୍କଠାରୁ ଅପମାନର ପ୍ରତିଶୋଧ ନେବାକୁ ପ୍ରସ୍ତୁତିରେ ଥିଲେ । ଏହି ସମୟରେ ଅଭିମନ୍ୟୁ ଏବଂ ଉତ୍ତରାଙ୍କ ବିବାହରେ ଅନେକ ରାଜା ଉପସ୍ଥିତ ଥିଲେ । ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ ବିରାଟ ରାଜାଙ୍କ ଦରବାରକୁ ସମସ୍ତ ରାଜାଙ୍କୁ ଆମନ୍ତ୍ରିତ କରାଯାଇଥିଲା । ସେଠାରେ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ଅନ୍ୟାୟ ଓ ଅତ୍ୟାଚାର ସଂପର୍କରେ ବର୍ଣ୍ଣନା କରିଥିଲେ । ମହାରାଜ ଦ୍ରୁପଦ ପାଣ୍ଡବଙ୍କୁ ସମର୍ଥନ କରିଥିଲେ । ତେବେ ସବୁ ରାଜାଙ୍କ ସହମତିରେ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ଦୂତ



ପଠାଇବାକୁ ନିଷ୍ପତ୍ତି ନିଆଗଲା । ପାଣ୍ଡବମାନେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲେ । ପାଞ୍ଚାଳ ଏବଂ ବିରାଟ ସେନାଙ୍କ ସହିତ କୁରୁକ୍ଷେତ୍ର ନିକଟରେ ଶିବିର ଲଗାଗଲା । କୌରବମାନେ ଏ ସଂପର୍କରେ ଜାଣିପାରିଲେ ଏବଂ ବିଭିନ୍ନ ରାଜାଙ୍କୁ ନିଜ ପକ୍ଷକୁ ନେବା ପାଇଁ ନିମନ୍ତ୍ରଣ କଲେ । ଯାଦବମାନଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଦୁର୍ଯ୍ୟୋଧନ ଏବଂ ଅର୍ଜୁନ ବାହାରି ପଡ଼ିଲେ । ଯେତେବେଳେ ଏହି ଦୁଇଜଣ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଲେ ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଶୋଇ ଯାଇଥିଲେ । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ପାଦ ନିକଟରେ ଏବଂ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କ ମୁଣ୍ଡ ନିକଟରେ ବସିଲେ । ଶ୍ରୀକୃଷ୍ଣ ଆଖି ଖୋଲି ପ୍ରଥମେ ଅର୍ଜୁନ ଓ ପରେ ଦୁର୍ଯ୍ୟୋଧନକୁ ଦେଖିଲେ । ଯୁଦ୍ଧ ପାଇଁ ନିଜର ନାରାୟଣୀ ସେନାକୁ ଦୁର୍ଯ୍ୟୋଧନଙ୍କୁ ଦେଲେ ଏବଂ ସ୍ୱୟଂ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ରହିବା ପାଇଁ ପ୍ରତିଜ୍ଞା କରିବା ସହ ଯୁଦ୍ଧରେ ଶସ୍ତ୍ର ଉଠାଇବେ ନାହିଁ ବୋଲି ପ୍ରତିଜ୍ଞା ମଧ୍ୟ କଲେ । ସେପଟେ ପାଣ୍ଡବଙ୍କ ପକ୍ଷରୁ ଶାନ୍ତି ପ୍ରସ୍ତାବ ନେଇ ଆସିଥିବା ଦୂତକୁ ଦୁର୍ଯ୍ୟୋଧନ କହିଲେ ଯେ, ବିନା ଯୁଦ୍ଧରେ ଛୁଞ୍ଚି ମୁନସମ ଜାଗା ମଧ୍ୟରେ ପାଣ୍ଡବ ମାନଙ୍କୁ ମିଳିବ ନାହିଁ । ଯୁଧିଷ୍ଠିରଙ୍କ ପରାମର୍ଶରେ ଶ୍ରୀକୃଷ୍ଣ ପୁନର୍ବାର ଶାନ୍ତି ପ୍ରସ୍ତାବ ନେଇ ହସ୍ତିନାକୁ ଗଲେ । ପାଣ୍ଡବ କେବଳ ୫ଟି ଗାଁରେ ସନ୍ତୁଷ୍ଟ ହେବା ବିଷୟ ଏହି ଶାନ୍ତିବାର୍ତ୍ତାରେ ରହିଥିଲା । ହସ୍ତିନାପୁରରେ ଶ୍ରୀକୃଷ୍ଣଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ହୋଇଥିଲା । ଶ୍ରୀକୃଷ୍ଣଙ୍କୁ ବାନ୍ଧି କଏଦୀ କରି ରଖିବାକୁ ଦୁର୍ଯ୍ୟୋଧନ ଯୋଜନା କଲା । ଆୟୋଜିତ ସଭାରେ ଶ୍ରୀକୃଷ୍ଣ ସନ୍ଧି କଥାବାର୍ତ୍ତା ପାଇଁ କହିଥିଲ । ଧୃତରାଷ୍ଟ୍ର ସନ୍ଧି ପକ୍ଷରେ ଥିଲେ, କିନ୍ତୁ ଦୁର୍ଯ୍ୟୋଧନ ଏହାକୁ ମାନିଲା ନାହିଁ ଏବଂ ଶ୍ରୀକୃଷ୍ଣଙ୍କୁ ବାନ୍ଧି ଆଣିବାକୁ ଆଦେଶ ଦେଲା। ଏବଂ କହିଲା ଶ୍ରୀକୃଷ୍ଣ ଦୂତଙ୍କ କାର୍ଯ୍ୟ କରୁନାହାନ୍ତି ବରଂ ପାଣ୍ଡବଙ୍କ ପକ୍ଷଭୁକ୍ତ ଅଛନ୍ତି। କର୍ଣ୍ଣ, ଦୁଃଶାସନ, ଶକୁନି ପ୍ରଭୃତି ଦୁର୍ଯ୍ୟୋଧନକୁ ସମର୍ଥନ କରି ଯୁଦ୍ଧ କରିବାକୁ ଚାହିଁଲେ। ତେବେ କୃଷ୍ଣ କହିଲେ ଯେ, ପାଣ୍ଡବମାନଙ୍କୁ କେବଳ ୫-ଟି ଗ୍ରାମ ଦେଇଦିଅ । କିନ୍ତୁ ଏଥିରେ ମଧ୍ୟ ଦୁର୍ଯ୍ୟୋଧନ ରାଜି ହେଲେ ନାହିଁ । ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନକୁ ଗାଳି କରିବା ସହ ସଭାରୁ ବାହାରି ଆସିଲେ।

## ଝିଅକୁ ବିବାହ ସମୟରେ ଦେଉଛନ୍ତି କି ଗଣେଶଙ୍କ ପ୍ରତିମୂର୍ତ୍ତି ? ଜାଣନ୍ତୁ କ'ଣ ରହିବ ଏହାର ପ୍ରଭାବ



ବିଘ୍ନ ବିନାଶକଙ୍କୁ ସବୁବେଳେ ଶୁଭ ବୋଲି ବିବେଚନା କରାଯାଇଥାଏ। ଗଣେଶ ମୂର୍ତ୍ତି ତଥା ଫଟୋକୁ ପୂଜା କଲେ ଘରେ ସୁଖ ଶାନ୍ତି ବିରାଜମାନ କରିଥାଏ ଓ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ସମୟରେ ପ୍ରିୟଜନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ପରିବାର ଲୋକେ ସେମାନଙ୍କୁ ଗଣେଶ ମର୍ତ୍ତି ଉପହାର ଦେଇଥାନ୍ତି। ହେଲେ ଏହି ସମୟରେ କିଛି ବାସ୍ତୁ ନିୟମ ମାନିବା ଉଚିତ, ନଚେତ ଉନ୍ନତି ହେବା ପରିବର୍ତ୍ତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗଣେଶଙ୍କ ପ୍ରତିମାକୁ ଘରର ଯେକୌଣସି ସ୍ଥାନରେ ରଖିବା ଉଚିତ ନୁହେଁ। ବିଶେଷକରି ବାଥରୁମ କ୍ୟାରେ ଗଣେଶଙ୍କର ଫଟୋ କିମ୍ବା ପ୍ରତିମା ରଖନ୍ତୁ ନାହିଁ। ଏହା ବ୍ୟତୀତ ଗଣେଶଙ୍କ ପ୍ରତିମାକୁ ଶୋଇବା ଘରେ ମଧ ରଖିବା ଉଚିତ ନୁହେଁ। ଏହା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ତିକ୍ତତା ବଢ଼ିଥାଏ।

ଭଗବାନ ଗଣେଶଙ୍କ ନୃତ୍ୟ ପ୍ରତିମାକୁ କେବେ ବି ଘରେ ରଖନ୍ତୁ ନାହିଁ। ଏହାକୁ ଉପହାର ରୂପେ ମଧ କାହାକୁ ଦିଅନ୍ତୁ ନାହିଁ। ଗଣେଶ ନୃତ୍ୟ କରୁଥିବା ପ୍ରତିମୂର୍ତ୍ତି ଘରେ ରଖିଲେ ଘରେ ଅଯଥାରେ କଳହ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ଯଦି ଏପରି ମୂର୍ତ୍ତିକୁ ଆପଣ କାହାକୁ ଉପହାର ଭାବେ ଦିଅନ୍ତି, ତା' ହେଲେ ତାଙ୍କ ଜୀବନରେ ମଧ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଯଦି ଆପଣ ଗଣପତିଙ୍କ ମୂର୍ତ୍ତିକୁ ଘରେ ରଖିବାକୁ ଯାଉଛନ୍ତି, ତେବେ ବାମ ପାର୍ଶ୍ୱକୁ ଶୁଣ୍ଢ ଥିବା ଗଣପତି ଅଣାଯିବା ଉଚିତ। କାରଣ ଡାହାଣ ପାର୍ଶ୍ୱରେ ଥିବା ଶୁଣ୍ଢ ସହିତ ଗଣେଶଙ୍କୁ ପୂଜା କରିବା ପାଇଁ ବିଶେଷ ନିୟମ ପାଳନ କରିବାକୁ ପଡିଥାଏ।

ବାସ୍ତୁବିତଙ୍କ ଅନୁଯାୟୀ, ସନ୍ତାନ ଚାହୁଁଥିବା ଦମ୍ପତି ଗଣେଶଙ୍କ ଶିଶୁ ପ୍ରତିମୂର୍ତ୍ତିକୁ ଘରକୁ ଆଣିବା ଉଚିତ। ବିଶ୍ୱାସ କରାଯାଏ ଯେ, ଏହାପରେ ଜନ୍ମିତ ସନ୍ତାନ ପିତାମାତାଙ୍କୁ ଭକ୍ତି କରିଥାନ୍ତି।

ଅନ୍ୟପକ୍ଷରେ, ଯଦି ଚାକିରି କିମ୍ବା ବ୍ୟବସାୟରେ କିଛି ଅସୁବିଧା ଅଛି, ତେବେ ସେଗୁଡିକୁ ଦୂର କରିବା ପାଇଁ ଘରେ ଗଣେଶଙ୍କର ଏକ ପ୍ରତିମା କିମ୍ବା ଫଟୋ ଲଗାଯିବା ଉଚିତ ଏହା ସମସ୍ୟା ଦୂର କରେ ଏବଂ ଆପଣଙ୍କୁ ସଫଳତା ଆଣିଦିଏ।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳି। ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ



ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକ।

ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତ। ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକ। ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ ଅତ୍ୟନ୍ତ ଉପାଦେୟ। କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ଝାରସୁଗୁଡ଼ାରେ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର, ୨୬।୪ (ମହାଭାରତ): ଝାରସୁଗୁଡ଼ା ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ବନ୍ଧରେ ସବିସ୍ତୃତ ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ। ଝାରସୁଗୁଡ଼ା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ମେ' ମାସ ୩୧ ତାରିଖ ସୁଦ୍ଧା ସମାପ୍ତ କରିବା ସହ ଆରମ୍ଭ ହୋଇ ନଥିବା ପ୍ରକଳ୍ପକୁ ମେ' ମାସ ୭ ତାରିଖ ସୁଦ୍ଧା ଆରମ୍ଭ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଝାରସୁଗୁଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରକଳ୍ପ ଗୁଡ଼ିକର ଗୁଣବତ୍ତାକୁ ସୁନିଶ୍ଚିତ କରିବା ସହ ମାନଦଣ୍ଡକୁ ଯାଞ୍ଚ କରିବା ଏବଂ ପ୍ରକଳ୍ପ ଗୁଡ଼ିକୁ ଯେପରି ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରାଯାଇପାରିବ, ତାହା ଉପରେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଝାରସୁଗୁଡ଼ା ବ୍ଲକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ବିକଶିତ ଗାଁ ବିକଶିତ ଓଡ଼ିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ (ଏନଟିପିସି ଓ ଏମସିଏଲ), ବିଧାୟକ ସ୍ଥାନୀୟ କ୍ଷେତ୍ର ବିକାଶ, ସାଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ସମୁଦାୟ ୧୭୧ଟି ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରୁ ୮୮ଟି ପ୍ରକଳ୍ପର କାର୍ଯ୍ୟ ସମାପ୍ତ ହେବା ସହ ୧୮ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି ବୋଲି ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଯେଉଁ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସରିଯାଇଛି ତାହାର ଗୁଣବତ୍ତା ଯାଞ୍ଚ କରିବା ସହ ଯେଉଁଗୁଡ଼ିକର କାର୍ଯ୍ୟ ଜାରି ରହିଛି, ତାହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ କାରଣରୁ କାମରେ ଅବହେଳା କରି ଠିକ ସମୟରେ କାମ ସାରୁ ନଥିବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଆବଶ୍ୟକ ସ୍ଥଳେ କାର୍ଯ୍ୟାଦେଶକୁ ରଦ୍ଦ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଗୁଣବତ୍ତା ଯାଞ୍ଚ କରିବା ସହ ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମରେ ଯେପରି ପାନୀୟ ଜଳ ସୁବିଧା ପହଞ୍ଚିପାରିବ ତାହାକୁ ସୁନିଶ୍ଚିତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଲୋଇସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଚାରବାଟୀ ଗ୍ରାମରେ ଏକ ସ୍ୱତନ୍ତ୍ର ଜଳ ଟ୍ୟାଙ୍କର ନିର୍ମାଣ କରିବା ପାଇଁ ମଧ୍ୟ ରାଜସ୍ୱ ମନ୍ତ୍ରୀ 'ଲୋକଙ୍କ ସରକାରରେ ସମସ୍ତ ଜନମଙ୍ଗଳକାରୀ ଉନ୍ନୟନ ପ୍ରକଳ୍ପ ଗୁଡ଼ିକ ଯେପରି ଲୋକଙ୍କ ନିକଟରେ ସଠିକ ସମୟରେ ପହଞ୍ଚିପାରିବ ତାହା ଆମର ଲକ୍ଷ୍ୟ। ତୃଣମୂଳ ସ୍ତରରେ ଧାଡ଼ିର ଶେଷରେ ଛିଡା ହୋଇଥିବା ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପ୍ରଦୀପ କୁମାର ସାହୁ, ଝାରସୁଗୁଡ଼ା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ଆଚାର୍ଯ୍ୟ, ସହାୟକ କାର୍ଯ୍ୟକାରୀ ଯନ୍ତ୍ରୀ ଶ୍ରୀମତୀ ମଧୁମିତା ମିଶ୍ର, ସହକାରୀ ଯନ୍ତ୍ରୀ ଶ୍ରୀମତୀ ରଶ୍ମିତା ମହାରଣା, କନିଷ୍ଠ ଯନ୍ତ୍ରୀ ଶ୍ରୀ କମଳ ପ୍ରସାଦ ରାଥୋଡ଼, ଶ୍ରୀମତୀ ରୋଜି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗିରରେ ଲୋକଙ୍କୁ ଭେଟି ଆଲୋଚନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬।୪ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଦିନ ବଲାଙ୍ଗିର ସର୍କିଟ୍ ହାଉସ୍ ଠାରେ ଲୋକମାନଙ୍କୁ ଭେଟି ଆଲୋଚନା କରିବା ସହ ସେମାନଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆଜି ବଲାଙ୍ଗିର ସର୍କିଟ ହାଉସ୍ ପରିସରରେ ଅଂଚଳବାସୀଙ୍କୁ ଭେଟି ସେମାନଙ୍କ ସୁଖ-ଦୁଃଖ ଓ ସମସ୍ୟା ସମ୍ପର୍କରେ ପ୍ରତ୍ୟକ୍ଷ ଆଲୋଚନା କରିବା ସହ ଅଭିଯୋଗ ପତ୍ର ଗ୍ରହଣ କରିଛି। ଆମ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସ୍ୱର ହିଁ ସର୍ବୋପରି। ପ୍ରତିଟି ଅଭିଯୋଗର ଉଚିତ୍ ଅନୁଧ୍ୟାନ କରି ତୁରନ୍ତ ସମାଧାନ କରିବା ପାଇଁ ମୁଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଲୋକଙ୍କ ଆସ୍ଥା ଓ ଅକୁଣ୍ଠ ଭଲପାଇବା ହିଁ ଆମକୁ ଜନହିତକର କାର୍ଯ୍ୟ କରିବା ପାଇଁ ଅସୀମ ପ୍ରେରଣା ଓ ଶକ୍ତି ଯୋଗାଉଛି। ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଉତରଦାୟୀ ଏବଂ ଲୋକାଭିମୁଖୀ କରିବା ସହିତ ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ସରକାରୀ ସେବା ପହଂଚାଇବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରେ ଆମେ ଏକ ସଶକ୍ତ, ସ୍ୱାଭିମାନୀ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଆଗେଇ ଚାଲିଛୁ।

# ପ୍ରାଚ୍ୟ ଐତିହ୍ୟ ସମ୍ମିଳନୀରେ ଆଇନ ମନ୍ତ୍ରୀ




ଭୁବନେଶ୍ୱର, ୨୬।୪ (ମହାଭାରତ): ସ୍ଥାନୀୟ ଜୟଦେବ ଭବନଠାରେ 'ଭାରତୀୟ ବାସ୍ତୁ ଏକାଡେମୀ' ପକ୍ଷରୁ ଆୟୋଜିତ ୧୯ତମ ଆନ୍ତର୍ଜାତୀୟ ପ୍ରାଚ୍ୟ ଐତିହ୍ୟ ସମ୍ମିଳନୀରେ ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଛନ୍ତି। ଏକ୍ସରେ ଏସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ପୋଷ୍ଟ କରିଛନ୍ତି ଆଜି ଭୁବେଶ୍ୱର ସ୍ଥିତ ଜୟଦେବ ଭବନଠାରେ 'ଭାରତୀୟ ବାସ୍ତୁ ଏକାଡେମୀ' ପକ୍ଷରୁ ଆୟୋଜିତ ୧୯ତମ ଆନ୍ତର୍ଜାତୀୟ ପ୍ରାଚ୍ୟ ଐତିହ୍ୟ ସମ୍ମିଳନୀ - ୨୦୨୬ କାର୍ଯ୍ୟକ୍ରମରେ ଯୋଗଦେବାର ସୌଭାଗ୍ୟ ପ୍ରାପ୍ତ ହେଲା। ଭାରତୀୟ ସନାତନ ସଂସ୍କୃତିର ଅମୂଲ୍ୟ ସମ୍ପଦ 'ଜ୍ୟୋତିଷ ଶାସ୍ତ୍ର' ଏବଂ 'ଯୋଗ ବିଜ୍ଞାନ' ଉପରେ ଆଲୋକପାତ କରିଲି। ଜ୍ୟୋତିଷ ଶାସ୍ତ୍ର ଯାହାକୁ 'ବେଦର ଚକ୍ଷୁ' କୁହାଯାଏ ଏବଂ ଯୋଗ ଯାହା ଆତ୍ମା ଓ ଶରୀରର ମିଳନ ଘଟାଏ, ଏହି ଦୁଇଟିର ପ୍ରାସଙ୍ଗିକତା ଆଜିର ଆଧୁନିକ ଯୁଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ ଆମକୁ ନିଜର ଏହି ପୁରାତନ ଶାସ୍ତ୍ରୀୟ ଜ୍ଞାନକୁ ଆପଣେଇବାକୁ ହେବ। ଏହି କାର୍ଯ୍ୟକ୍ରମରେବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଭାରତୀୟ ବାସ୍ତୁ ଏକାଡେମୀର ନିର୍ଦ୍ଦେଶକ ଡ. ତପସ୍ୱିନୀ ମିଶ୍ର, ଆଚାର୍ଯ୍ୟ ଅନିଲ ବେଦସ, ଇଂଟରନ୍ୟାସନାଲ ରେକି ଗ୍ରାଣ୍ଡ ମାଷ୍ଟର ରାଜୀବ ଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିତ୍ୟ କଂପ୍ଲେକ୍ସ ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୨୬।୪ (ମହାଭାରତ): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ବେଙ୍ଗାଲୁରୁର ବିଇଏମଏଲ୍ ଟିପ୍ପାସାନ୍ଦ୍ରା କ୍ୟାମ୍ପସ ପରିଦର୍ଶନ କରି ହାଇ-ସ୍ପିଡ୍ ରେଳ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସ, ଆଦିତ୍ୟକୁ ଉଦଘାଟନ କରିଛନ୍ତି। ଏହି ଗସ୍ତ ସମୟରେ, ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହାଇ-ସ୍ପିଡ୍ ରେଳ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଜଟିଳ। ଆମ ଦେଶ ମଧ୍ୟରେ ଏହାର ବିକାଶ ସ୍ୱଦେଶୀ ଇଞ୍ଜିନିୟରିଂ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ନୂତନ ଭାବରେ ଉଦ୍ଘାଟିତ ଆଦିତ୍ୟ କମ୍ପ୍ଲେକ୍ସ ବି-୨୮ କୋଚ୍ ବିକାଶ ପାଇଁ ଡିଜାଇନ୍ କରାଯାଇଛି। ହାଇ-ସ୍ପିଡ୍ ଟ୍ରେନର ପରିବର୍ତନକାରୀ ଶକ୍ତି ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ଟ୍ରେନ ଗୁଡ଼ିକର ଆଗମନ ଦ୍ୱାରା ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଦୂରତ୍ୱ




ହ୍ରାସ ପାଇ ପରସ୍ପରର ଏକ ସଂପ୍ରସାରିତ ଅଂଶଭାବେ ମନେହେବ। ସେ ଚେନ୍ନାଇ ଏବଂ ବେଙ୍ଗାଲୁରୁ ମଧ୍ୟରେ ଯାତ୍ରା ସମୟର ଉଦାହରଣ ଦେଇଥିଲେ ଯାହା ମାତ୍ର ୭୩ ମିନିଟ କୁ ହ୍ରାସ ପାଇବ। ଏହା ଫଳରେ ଦୁଇ ସହର ଏକ ଏକକ ସମନ୍ୱିତ ହବ୍ର ଅଂଶ ହୋଇଯିବେ। ମନ୍ତ୍ରୀ କହିଛନ୍ତି ଯେ ଦୁଇଟି ନୂତନ ସେବା ପ୍ରଚଳନ ଦ୍ୱାରା ସଂଯୋଗୀକରଣ ବୃଦ୍ଧି ପାଇବ। ହୁବଲି ଦେଇ ଏଲଏଚବି କୋଚ୍ ବିଶିଷ୍ଟ ଏକ ନୂତନ ମେଲ୍ ଏକ୍ସପ୍ରେସ୍ ପ୍ରଚଳନ କରାଯିବ, ଏବଂ ଏକ ବନ୍ଦେ ଭାରତ ସ୍ଲିପର୍ ଏକ୍ସପ୍ରେସ୍ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାର ଯୋଜନା ରହିଛି।

ଆଂଚଳିକ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ସୂଚନା ଦେଇଥିଲେ ଯେ ମାଙ୍ଗାଲୁରୁ ଏବଂ ବେଙ୍ଗାଲୁରୁ ମଧ୍ୟରେ ବନ୍ଦେ ଭାରତ ସେବା ଖୁବ୍ ଶୀଘ୍ର ଆରମ୍ଭ ହେବ। ସେ କହିଥିଲେ ଯେ ଏହି ସେବା ପାଇଁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ମାଡଗାଓଁ ଏବଂ କର୍ଣ୍ଣାଟକର ଅନ୍ୟାନ୍ୟ ଉପକୂଳବର୍ତୀ ସହରଗୁଡ଼ିକୁ ସଂଯୋଗ କରିବା ଉପରେ ବିଚାର କରାଯାଇଛି। ସେ କହିଥିଲେ ଯେ ଏ ନେଇ ବୈଷୟିକ ପ୍ରତିବନ୍ଧକ ଦୂର କରାଯାଇଛି, ବିଶେଷକରି ହାସାନ-ମାଙ୍ଗାଲୁରୁ ସେକ୍ସନର ବିଦ୍ୟୁତୀକରଣ ସଂପୂର୍ଣ୍ଣ ହୋଇଛି ଓ ଉପକୂଳର ତୀକ୍ଷଣ ଢାଲୁ ଅଂଚଳରେ ସୁରକ୍ଷା ପାଇଁ ଅଟୋମେଟେଡ୍ ଏମର୍ଜେନ୍ସି ବ୍ରେକିଂ (ଏଇବି) ବ୍ୟବସ୍ଥା କରାଯାଇଛି। ମନ୍ତ୍ରୀ ଟିପ୍ପାସାନ୍ଦ୍ରା କେନ୍ଦ୍ରରେ ଥିବା ଇଞ୍ଜିନିୟରିଂ ପ୍ରତିଭାଙ୍କୁ ପ୍ରଶଂସା କରି ନିଜର ଗସ୍ତ ଶେଷ କରିଥିଲେ। ସେ କହିଥିଲେ ଯେ ପରବର୍ତୀ ପିଢ଼ିର ରୋଲିଂ ଷ୍ଟକ୍ ଉପରେ ସେମାନଙ୍କର କାର୍ଯ୍ୟ ଏକ ବିକଶିତ ଭାରତର ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ ହେବ। ସେ ପରିବେଶଗତ ସୁରକ୍ଷା ଏବଂ ଜନସଚେତନତା ସହିତ ବିଶାଳ ଭିତିଭୂମି ଅଭିବୃଦ୍ଧିକୁ ସନ୍ତୁଳିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ନୂତନ ଆଇନ୍ ଶାସନକୁ ସୁଦୃଢ଼ କରିପାରିଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୪ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ 'ବଂଟନ ମେଳା' କାର୍ଯ୍ୟକ୍ରମରେ ଯୋଗଦେଇ ଜନସାଧାରଣଙ୍କ ସେବା ଦିଗରେ ଏକ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସମୟରେ ହଜିଯାଇଥିବା ବା ଚୋରି ହୋଇଥିବା ମୋବାଇଲ ଫୋନ୍ ଏବଂ ବାଇକ୍ ଗୁଡ଼ିକୁ ଉଦ୍ଧାର କରାଯାଇ ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ସମ୍ମାନର ସହ ଫେରସ୍ତ କରାଯାଇଛି। ଜନସାଧାରଣଙ୍କ ହଜିଯାଇଥିବା ସାମଗ୍ରୀ ଫେରାଇ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇବାରେ ପୋଲିସ



ପ୍ରଶାସନର ଏହି ନିଷ୍ଠାପର ଉଦ୍ୟମକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହ ବରିଷ୍ଠ ନାଗରିକମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯିବା ପୋଲିସର ସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେଶର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତନ ଆଣି ପରାଧୀନ ମାନସିକତାରୁ ବାହାରି ଏବେ 'ଭାରତୀୟ ନ୍ୟାୟ ସଂହିତା'ର ସଫଳ କ୍ରିୟାନ୍ୱୟନ କରାଯାଉଛି। ଅନେକ ଦଶକ ପରେ ଭାରତୀୟ ନ୍ୟାୟ ମୂଲ୍ୟବୋଧ ଉପରେ ଆଧାରିତ ଏହି ନୂତନ ଆଇନ ଶାସନକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିପାରିଛି। ଅନୁଗୋଳ ଜିଲ୍ଲା ପୋଲିସ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ନୂତନ ଆଇନ ପ୍ରୟୋଗ ଏବଂ ସାମାଜିକ ଦାୟିତ୍ୱବୋଧର ସମନ୍ୱୟ ରକ୍ଷା କରି ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଛି। ପୋଲିସ ପ୍ରଶାସନର ଏଭଳି ସକାରାତ୍ମକ କାର୍ଯ୍ୟଧାରା ସାଧାରଣ ଜନତାଙ୍କ ମନରେ ସୁରକ୍ଷା ଓ ଭରସାକୁ ଆହୁରି ଦୃଢ଼ୀଭୂତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରାଙ୍କ ସମେତ ଜିଲ୍ଲା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ଜାତିଗତ ଜନଗଣନା ନ କରି ପଛୁଆବର୍ଗ ସମାଜକୁ ଡବଲ ଧୋକା

ଭୁବନେଶ୍ୱର, ୨୬।୪ (ମହାଭାରତ): ମହିଳା ସଂରକ୍ଷଣ ନାଁରେ ମନ୍ଦ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ପକ୍ଷରୁ ଅଣାଯାଇଥିବା ଡିଲିମିଟେସେନ ବିଲ୍ କାଟ୍ ଖାଇଲା ବୋଲି ବିଜେଡି କହିଛି। ତିନି ବର୍ଷ ଧରି ମହିଳା ସଂରକ୍ଷଣ ବିଲ୍ ସଂସଦର ଉଭୟ ସଦନରେ ପାଳିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇସାରିଥିଲେ ମଧ୍ୟ କେନ୍ଦ୍ର ସରକାର ଗେଜେଟ ନୋଟିଫିକେସନ କାହିଁକି କରିନଥିଲେ ବୋଲି ବିଜେଡି ପ୍ରଶ୍ନ କରିଛି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ଶ୍ରୀଯୁକ୍ତ ସଂଜୟ କୁମାର ଦାସବର୍ମା ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ମହିଳା ସଂରକ୍ଷଣ ବାବଦରେ ବିଜୁ ଜନତା ଦଳର ଆଭିମୁଖ୍ୟ ଅତ୍ୟନ୍ତ ସ୍ୱଷ୍ଟ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦୂରଦୃଷ୍ଟି ସଂପର୍ଣ୍ଣ ନେତୃତ୍ୱ ଲାଗି ସାରା ଦେଶରେ ପ୍ରଥମ ଥର ପାଇଁ ମହିଳାମାନେ ପଂଚାୟତ ଓ ସ୍ଥାନୀୟ ପୌର ପ୍ରଶାସନରେ ୩୩ ପ୍ରତିଶତ ସଂରକ୍ଷଣ ପାଇପାରିଥିଲେ।

ଶ୍ରୀ ଦାସବର୍ମା କହିଥିଲେ, ମହିଳା ସଂରକ୍ଷଣ ନାଁରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ପରେ, ମାନ୍ୟବର ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ, ଓଡିଶାର ସ୍ୱାର୍ଥ ହାନି ହେଉଥିବା ଅନୁଭବ କରି ଡିଲିମିଟେସନ ବିଲ୍ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଦଳମତ ନିର୍ବିଶେଷରେ ରାଜ୍ୟର ସାଂସଦଙ୍କୁ ପତ୍ର ଲେଖି ଶ୍ରୀ ପଟ୍ଟନାୟକ ଓଡିଶା ସ୍ୱାର୍ଥ ରକ୍ଷା ପାଇଁ ସଂସଦରେ ମୁହଁ ଖୋଲିବାକୁ ଅନୁରୋଧ କରିଥିଲେ। ସଂସଦରେ ବିଲ୍ ଆସିବା ପରେ ଜଣାପଡିଲା ଯେ, ସମସ୍ତଙ୍କୁ ଅନ୍ଧାରରେ ରଖି ମହିଳା ସଂରକ୍ଷଣ ନାଁରେ ଡିଲିମିଟେସନ ବିଲ୍ରେ ଥିବା ପ୍ରାବଧାନ ଓଡିଶାର ସ୍ୱାର୍ଥ କ୍ଷୁର୍ଣ୍ଣ କରିବ। ଭାରତ ସରକାରଙ୍କ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ଅନୁପାଳନ କରି ଜନସଂଖ୍ୟା ନିୟନ୍ତ୍ରଣରେ ଓଡିଶା ସଫଳ ହୋଇଥିବାରୁ ୨୦୧୧ ଜନଗଣନା ଅନୁସାରେ ଯଦି ଡିଲିମିଟେସନ ହୋଇଥାଆନ୍ତା ତେବେ ଓଡିଶାର ଆସନ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଇଥାଆନ୍ତା। ତେଣୁ ବିଜୁ ଜନତା ଦଳ ଏଭଳି ଏକ ଏକଛତ୍ରବାଦୀ ଓ ଓଡିଶା ସ୍ୱାର୍ଥ ବିରୋଧୀ ଡିଲିମିଟେସନ ବିଲକୁ ବିରୋଧ କଲା। ଡ. ମହାନ୍ତି କହିଥିଲେ, ବିଜେପି ନେତା ଓ କେନ୍ଦ୍ର ମନ୍ତ୍ରୀ ୫୦ ଭାଗ ଆସନ ସଂଖ୍ୟା ବୃଦ୍ଧି ବିଷୟ ଯେଉଁ ପ୍ରଚାର କରୁଛନ୍ତି ତାହା ମନଗଢା ତଥା ଭିତ୍ତିହୀନ।

# ଅନୁଗୁଳ, ଖୋର୍ଦ୍ଧା ଓ ଦେବଗଡ଼ରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ

ଭୁବନେଶ୍ୱର, ୨୬।୪ (ମହାଭାରତ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅନୁଗୁଳ, ଖୋର୍ଦ୍ଧା ଓ ଦେବଗଡ଼ ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେ ଭାବେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ନିଷ୍ପତି ନେଇଛନ୍ତି। ଜିଲ୍ଲା ପ୍ରଶାସନଙ୍କ ଜାରି କରାଯାଇଥିବା ଔପଚାରିକ ନିର୍ଦ୍ଦେଶ ଅନୁଯାୟୀ, ଖୋର୍ଦ୍ଧା ଓ ଦେବଗଡ଼ରେ ସମସ୍ତ ଶିକ୍ଷାନୁଷ୍ଠାନ ୨୦ ଏପ୍ରିଲ୍ ଠାରୁ ୨୩ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ବନ୍ଦ ରହିବ। ଅନ୍ୟପଟେ, ଅନୁଗୁଳ ଜିଲ୍ଲାରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ୨୦ ଏପ୍ରିଲ୍ ଠାରୁ ୨୨ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ବନ୍ଦ ରହିବ। ପ୍ରଶାସନ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ନିର୍ଦ୍ଦେଶକୁ କଡ଼ାକଡ଼ିରେ ପାଳନ କରାଯିବାକୁ ସୁନିଶ୍ଚିତ କରନ୍ତୁ, ଯାହା ଫଳରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ। ଅଧିକାରୀମାନେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଯଦି ଏହି ସମୟସୀମାରେ କୌଣସି ପରୀକ୍ଷା ନିର୍ଦ୍ଧାରିତ ଅଛି, ତେବେ ସେଗୁଡ଼ିକୁ କେବଳ ସକାଳ ସମୟରେ ଆୟୋଜନ କରାଯିବ। ଏହି ନିଷ୍ପତି ରାଜ୍ୟରେ ବଢୁଥିବା ତାପମାତ୍ରା ଓ ଭାରତ ପାଣିପାଗ ବିଜ୍ଞାନ କେନ୍ଦ୍ର ଦ୍ୱାରା ଜାରି ହୋଇଥିବା ହିଟୱେଭ ସତର୍କତାକୁ ଧ୍ୟାନରେ ରଖି ନିଆଯାଇଛି। ପ୍ରଶାସନ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଛନ୍ତି ଯେ, ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ, ଦ୍ୱିପ୍ରହର ସମୟରେ ଅନାବଶ୍ୟକ ଭାବେ ବାହାରକୁ ଯିବାରୁ ଦୂରେଇ ରୁହନ୍ତୁ ଓ ଗରମ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାରୁ ବଂଚିବା ପାଇଁ ଆବଶ୍ୟକ ସତର୍କତା ଅନୁସରଣ କରନ୍ତୁ।

# ମେମୁ ଟ୍ରେନ୍ ସେବା ସମୟସୂଚୀରେ ପରିବର୍ତନ

ଭୁବନେଶ୍ୱର, ୨୬।୪ (ମହାଭାରତ): ଯାତ୍ରୀମାନଙ୍କ ସୁବିଧା ଏବଂ ରେଳ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ପାଇଁ ଦୁଇଟି ମେମୁ ଟ୍ରେନ୍ ସେବାର ସମୟସୂଚୀକୁ ୨୫ ଏପ୍ରିଲ ରୁ ସଂଶୋଧିତ କରାଯାଇଛି। ଟ୍ରେନ୍ ନମ୍ବର ୬୮୪୨୧: ଅନୁଗୁଳ-ପୁରୀ ମେମୁ ଟ୍ରେନ୍ ଅନୁଗୁଳରୁ ଭୋର ୦୫:୧୦ ଘଟିକାରେ ଛାଡ଼ିବ ଏବଂ ତାଳଚେର ଠାରେ ୦୫:୩୫ ଘଟିକାରେ (ପ୍ରସ୍ଥାନ ୦୫:୪୫) ପହଂଚିବ। ଏହା ମେରାମଣ୍ଡଳୀ ଷ୍ଟେସନ ଠାରେ ସକାଳ ୦୬:୦୯ (ପ୍ରସ୍ଥାନ ୦୬:୧୦) ଏବଂ ଢେଙ୍କାନାଳ ଠାରେ ୦୭:୦୦ (ପ୍ରସ୍ଥାନ ୦୭:୦୫) ଘଟିକାରେ ପହଂଚିବ। ଟ୍ରେନ୍‌ଟି ଭାୟା ନରାଜ ମାର୍ଥାପୁର (ଆଗମନ ୦୭:୫୩ / ପ୍ରସ୍ଥାନ ୦୭:୫୪) ହୋଇ ବାରଙ୍ଗ ଷ୍ଟେସନ ରେ ପହଂଚିବ ୦୮:୦୮ ଏବଂ ପ୍ରସ୍ଥାନ ୦୮:୦୯, ଭୁବନେଶ୍ୱର ନିଉ (ଆଗମନ ୦୮:୧୪ / ପ୍ରସ୍ଥାନ ୦୮:୧୫) ଏବଂ ମଂଚେଶ୍ୱର (ଆଗମନ ୦୮:୨୨ / ପ୍ରସ୍ଥାନ ୦୮:୨୩) ଦେଇ ଗତି କରିବ। ଭୁବନେଶ୍ୱର ଠାରେ ଏହା ୦୮:୫୦ ଘଟିକାରେ ପହଂଚି ୦୮:୫୫ ରେ ପ୍ରସ୍ଥାନ କରିବ। ଏହାପରେ ଖୋର୍ଦ୍ଧା ରୋଡ୍ ଠାରେ ୦୯:୧୫ (ପ୍ରସ୍ଥାନ ୦୯:୨୦), ଡେଲାଙ୍ଗ ଠାରେ ୦୯:୩୭ (ପ୍ରସ୍ଥାନ




୦୯:୩୮) ଏବଂ ସାକ୍ଷୀଗୋପାଳ ଠାରେ ୦୯:୪୧ (ପ୍ରସ୍ଥାନ ୦୯:୪୨) ରେ ପହଂଚି, ଶେଷରେ ପୁରୀ ଠାରେ ସକାଳ ୧୦:୫୦ ଘଟିକାରେ ପହିବ। ସେହିପରି ଟ୍ରେନ୍ ନମ୍ବର ୬୮୪୩୭ ଭଦ୍ରକ-କଟକ ମେମୁ ଟ୍ରେନ୍ ଭଦ୍ରକରୁ ଅପରାହ୍ଣ ୧୫:୦୦ (୩ଟା) ଘଟିକାରେ ଯାତ୍ରା ଆରମ୍ଭ କରିବ ଏବଂ କେନ୍ଦୁଆପଦା ଠାରେ ୧୫:୨୦ (ପ୍ରସ୍ଥାନ ୧୫:୨୧) ରେ ପହଂଚିବ। ଏହା ଯାଜପୁର କେଉଁଝର ରୋଡ୍ ଠାରେ ୧୬:୨୧ (ପ୍ରସ୍ଥାନ ୧୬:୨୨) ଏବଂ ଧାନମଣ୍ଡଳ ଠାରେ ୧୭:୦୨ (ପ୍ରସ୍ଥାନ ୧୭:୦୩) ରେ ପହଂଚିବ। ପରବର୍ତୀ ସମୟରେ, ଟ୍ରେନ୍ ?ଟି କପିଳାସ ରୋଡ୍ ଠାରେ ସଂଧ୍ୟା ୧୭:୨୬ (ପ୍ରସ୍ଥାନ ୧୭:୨୭) ଏବଂ ନିର୍ଗୁଣ୍ଡି ଠାରେ ୧୭:୩୨ (ପ୍ରସ୍ଥାନ ୧୭:୩୩) ରେ ପହଂଚିବା ପରେ କଟକରଠାରେ ସନ୍ଧ୍ୟା ୧୮:୪୦ (୬:୪୦) ଘଟିକାରେ ଯାତ୍ରା ଶେଷ କରିବ। ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଏନଟିଇଏସ କିମ୍ବା ୟୁ.ଟି. ଏସ ଆପ୍ ମାଧ୍ୟମରେ ଟ୍ରେନ୍ ସମୟ ଯାଂଚ କରିବାକୁ ଅନୁରୋଧ କରାଯାଉଛି। ଏହି ସଂଶୋଧନର ଲକ୍ଷ୍ୟ ହେଉଛି ଟ୍ରେନର ସମୟାନୁବର୍ତିତା ବଜାୟ ରଖିବା ଏବଂ ବ୍ୟସ୍ତବହୁଳ ସେକ୍ସନଗୁଡ଼ିକରେ ସୁରୁଖୁରୁରେ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା।

# କଂଗ୍ରେସର ଗାନ୍ଧିପଥେ ନ୍ୟାୟଯାତ୍ରା ସ୍ଥଗିତ

ଭୁବନେଶ୍ୱର, ୨୬।୪ (ମହାଭାରତ): ୨୬ ତାରିଖରୁ ଜଗତସିଂହପୁର ଢ଼ିଙ୍କିଆଠାରୁ ଆରମ୍ଭ ହୋଇ ଭୁବନେଶ୍ୱର ଲୋକଭବନରେ ସମାପ୍ତ ହେଉଥିବା ୮ ଦିନର ଯାତ୍ରାକୁ ଜଗତସିଂହପୁର ପ୍ରଶାସନ ଅନୁମତି ନ ଦେବା ଫଳରେ, ପଦଯାତ୍ରାକୁ ସ୍ଥଗିତ ରଖାଯାଇଛି ବୋଲି କଂଗ୍ରେସ ଭବନଠାରେ କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଜଗତସିଂହପୁର, ଯାଜପୁର, ଅନୁଗୁଳ, ସୁନ୍ଦରଗଡ ଠାରୁ କୋରାପୁଟ ରାୟଗଡା ପର୍ଯ୍ୟନ୍ତ କେବଳ ଶିଳ୍ପସଂସ୍ଥାଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଖଣି ଓ ଶିଳ୍ପାୟନ କରି ଆଦିମ ଜନଜାତିଙ୍କ ବେନିୟମ ବିସ୍ଥାପନ କରୁଛି। କଂଗ୍ରେସ ଦଳ ଯେତେବେଳେ ଆଦିବାସୀ ଏବଂ ଏହାଦ୍ୱାରା ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ଓ ନ୍ୟାୟ ପାଇଁ ଲଢେଇ କରିବାକୁ ଉଦ୍ୟମ କରୁଛି, କଂଗ୍ରେସର ମୁହଁବନ୍ଦ କରିବାକୁ ପ୍ରଶାସନ କାର୍ଯ୍ୟକ୍ରମ କରିବାକୁ ଅନୁମତି ନ ଦେବା ଦୁଃଖଦାୟକ। ପିସିସି ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଲେ ଶାନ୍ତିପୂର୍ଣ୍ଣ ପଦଯାତ୍ରାକୁ ପ୍ରଶାସନ ଅନୁମତି ନ ଦେବା ଗଣତନ୍ତ୍ରର ହତ୍ୟା ଜନତାଙ୍କ ସ୍ୱାର୍ଥ ପାଇଁ ପ୍ରତିବାଦ ସମାବେଶ କିମ୍ବା ଯାତ୍ରା ଲୋକଙ୍କ ସାମ୍ବିଧାନିକ ଅଧିକାର ଅଟେ। ଜଗତସିଂହପୁର ପ୍ରଶାସନ ଅନୁମତି ନ ଦେବାକୁ କଂଗ୍ରେସ ଦୃଢ ପ୍ରତିବାଦ କରୁଛି। ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି କହିଲେ ଆମେ ଜଗତସିଂହପୁର ପ୍ରଶାସନକୁ ପଦଯାତ୍ରା କରିବାପାଇଁ ପୁଣି ଅନୁମତି ମାଗିଛୁ ସେହି ଅନୁସାରେ ପଦଯାତ୍ରା ର ତାରିଖ ଆମେ ଘୋଷଣା କରିବୁ। ଏହି ସାମ୍ବାଦିକ ବିବୃତି କାର୍ଯ୍ୟକ୍ରମରେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ଉପସ୍ଥିତ ଥିଲେ।

## ମୋଦିଙ୍କ ପରାଜୟ !

ମହିଳା ସଂରକ୍ଷଣ ସଂଶୋଧନ ବିଲ ସଂସଦରେ କାଟ ଖାଇବା ପରେ ସରକାର ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବିଲକୁ ମଧ୍ୟ ପ୍ରତ୍ୟାହାର କରି ନେଇଛନ୍ତି। ବିରୋଧୀ ଏହାକୁ ଗଣତନ୍ତ୍ରର ବିଜୟ, ସମ୍ବିଧାନ ରକ୍ଷା ପାଇଗଲା ଏବଂ ମୋଦିଙ୍କ ପରାଜୟ ବୋଲି କହୁଥିବା ବେଳେ ଶାସକ ଦଳର ସଭ୍ୟମାନେ ଏହା ମହିଳାଙ୍କ ପ୍ରତି ବିରୋଧୀ ସଦସ୍ୟଙ୍କ ପ୍ରତାରଣା ବୋଲି କହିଛନ୍ତି। ବିଲ ଉପରେ ଆଲୋଚନା ବେଳେ ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ଏହି ବିଲକୁ ବିରୋଧ ପଛରେ କେବଳ ମହିଳା ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧର ଉଦ୍ଦେଶ୍ୟ ରହିଛି। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧର କିଛି ଅର୍ଥ ନାହିଁ। ଗୃହମନ୍ତ୍ରୀ କହିଥିଲେ ଯେ, ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟ କ୍ଷତିଗ୍ରସ୍ତ ହେବେ ନାହିଁ କିମ୍ବା ଲୋକସଭାରେ କାହାର ଆସନ ସଂଖ୍ୟା କମିବ ନାହିଁ। ସବୁ ରାଜ୍ୟର ଲୋକସଭା ଆସନ ସଂଖ୍ୟା ହାରାହାରି ୫୦% ବଢ଼ିବ। ଦକ୍ଷିଣ ଭାରତର ୫ ରାଜ୍ୟର ଆସନ ସଂଖ୍ୟା ଏବେ ୧୨୯ ଥିବା ବେଳେ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଏହି ସଂଖ୍ୟା ୧୯୬କୁ ବୃଦ୍ଧି ପାଇବ। ତେଣୁ ଦକ୍ଷିଣ ଭାରତୀୟ ରାଜ୍ୟମାନେ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବ ବୋଲି ଯେଉଁ ଆଶଙ୍କା କରୁଛନ୍ତି ତାହା ଅମୂଳକ ବୋଲି ସରକାର କହିଥିଲେ ମଧ୍ୟ ବିରୋଧୀ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଶେଷରେ ସରକାରଙ୍କ ଦ୍ୱାରା ଆଗତ ବିଧେୟକ ଅଗ୍ରାହ୍ୟ ହେଲା। ଅମିତ ଶାହଙ୍କ ଭାଷାରେ କେବଳ ମୋଦିଙ୍କୁ ଅପଦସ୍ତ ଏବଂ ନିଚା ଦେଖାଇବା ନିମନ୍ତେ ବିରୋଧୀ ଦଳମାନେ ଏହି ବିଲକୁ ଅଟକାଇଲେ। ମୋଦିଙ୍କ ନେତୃତ୍ୱ ଏବଂ ସଫଳତାରେ ସେମାନେ ଏତେ ଅସହିଷ୍ଣୁ ଯେ, ମୋଦିଙ୍କୁ ବିରୋଧ ଏବଂ ପରାଜିତ କରିବା ନିମନ୍ତେ ସେମାନେ ଯେ କୌଣସି ସ୍ତରକୁ ଯାଇପାରନ୍ତି। ଏପରିକି ଦେଶ ବିରୋଧରେ ମଧ୍ୟ ଯାଇପାରନ୍ତି। ଏହା ଅନେକାଂଶରେ ସତ୍ୟ। ତେବେ ଏଥିପାଇଁ ବିରୋଧୀଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ସେମାନେ ନିଜ ଇଚ୍ଛାରେ ନିଷ୍ପତ୍ତି ନେଇପାରିବେ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ମହିଳାଙ୍କ ପାଇଁ ୩୩% ସଂରକ୍ଷଣର ଆବଶ୍ୟକତା ରହିଛି କି ? ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣର ଯଥାର୍ଥତା ରହିଛି କି ? ଉତ୍ତର ହେଉଛି ହିଁ। ମହିଳାଙ୍କୁ ଆଇନ ପ୍ରଣୟନର ଅଧିକାର ଦେବା ଏବଂ ଶାସନ କ୍ଷମତାର ଅଂଶୀଦାର ହେବାକୁ ସଂରକ୍ଷଣ ଜରୁରୀ। ଦ୍ୱିତୀୟରେ ଏବେ ଦେଶର ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ଦେଶର ୧୨୭ ଲୋକସଭା ଆସନରେ ମତଦାତାଙ୍କ ୨୦ ଲକ୍ଷ ବା ତାହାଠାରୁ ଅଧିକ ହୋଇଯାଇଛି। ତେଣୁ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଜରୁରୀ। ଏହା ଫଳରେ ଜନପ୍ରତିନିଧିତ୍ୱ ବିସ୍ତାରିତ ହୋଇପାରିବ। ପ୍ରତି ୧୦ ଲକ୍ଷ ମତଦାତାଙ୍କ ପାଇଁ ଜଣେ ସଂସଦ ସଦସ୍ୟ ରହିବା ଉଚିତ। ଏ କ୍ଷେତ୍ରରେ ସନ୍ତୁଳନ ରକ୍ଷା ଜରୁରୀ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ଯେଉଁ ଅଭିଯୋଗ ଏବଂ ସନ୍ଦେହ ବ୍ୟକ୍ତ କରିଛନ୍ତି ତାହାର ଯଥାର୍ଥତା ନାହିଁ। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କଂଗ୍ରେସ ଓ ଏହାର ସମର୍ଥକମାନେ ଆଜି ଯାହା କଲେ ତାହା ଭାରତ ଇତିହାସରେ ଚିରଦିନ ଲାଗି ଏକ କଳାଦାଗ ହୋଇ ରହିଯିବ। ଆଗାମୀ ନିର୍ବାଚନରେ ଏହା ସେମାନଙ୍କ ପାଇଁ ମହଙ୍ଗା ପଡ଼ିପାରେ। ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ଯେତିକି ଜରୁରୀ ନୁହେଁ, ତାଠାରୁ ଅଧିକ ଜରୁରୀ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ଏହାର ପୁନର୍ଗଠନ।

## ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

> “ ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ରଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କରଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ରଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ରଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ରଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ୍ୟ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ରଣଦାତା ବ୍ୟାଙ୍କ ବିଚରା ରଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ରଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ୍ୟ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ରଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ରଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ରଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ରଣଦାତା ବ୍ୟାଙ୍କ ଏହି ରଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ରଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ରଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ରଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ରଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ରଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ରଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ରଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ରଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ରଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ରଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ରଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ରଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ରଣ ମଧ୍ୟ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ରଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ରଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ୍ୟ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ୍ୟ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ୍ୟ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ୍ୟ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮


## ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ ‘ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାପନ୍ନେ ପ୍ରୀୟେନ୍ତେ ସର୍ବଦେବତା।’ ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ୍ୟ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଇ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ। ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଊଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ। ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି। ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, ‘ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ୍ୟ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ୍ୟ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା ‘ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।’


ଦୂରଭାଷ : ୯୬୯୨୯୮୦୦୨୬


## କ’ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ’ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି ।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ’ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳୀନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍‌ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; “ଅଲା ବିଜିକ୍‌ରିଲ୍ଲାହି ତୃତ୍‌ମଇନ୍ନଲ୍‌କୁଲୁବ୍” ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶ୍ରୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା ।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା ।


ଭୁବନେଶ୍ୱର, ୟୁନିଟ-୪
ମୋ. ୯୬୯୨୨୨୫୦୫୭

## ନାବାଳିକାକୁ ଅପହରଣ ମାମଲାରେ ଜଣକୁ କୋର୍ଟଚାଲାଣ

ଲାଞ୍ଜିଗଡ, (ମହାଭାରତ ): ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ମାମଲାରେ ବିଜେପୁର ଥାନା ଅନ୍ତର୍ଗତ ଗୋପିଗୁଡା ଗ୍ରାମର କୁମର ନାଏକ(୨୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି ବିଜେପୁର ପୋଲିସ ଓ ସୂଚନାନୁସାରେ ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିଲା ବେଳେ ଦୁହିଁଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା ଓ ଗତବର୍ଷ ୧ ଜାନୁୟାରୀ ୨୦୨୫ ନୂଆବର୍ଷ ରାତିରେ କୁମର ନାଏକ ଗାଁକୁ ଆସି ଝିଅ ଘରକୁ ଯାଇ




କଥାବାର୍ତ୍ତା ହେଲାପରେ କୁମର ଝିଅକୁ ବାହାହେବା ପ୍ରଲୋଭନ ଦେଖାଇ ସେହି ଦିନ ରାତିରେ ଦୁହେଁ ଗାଁ ଛାଡି ବାଙ୍ଗାଲୋର ପଳାଇଥିଲେ ଓ ଝିଅର ବାପା ଘରୁ ପଳାଇଥିବା ଦେଖି ସେ ତାଙ୍କର ସମସ୍ତ ସମ୍ପର୍କୀୟ ମାନଙ୍କ ସହିତ ଯୋଗାଯୋଗ କରି ବହୁତ ଖୋଜାଖୋଜି କରିବା ପରେ କେଉଁଠି ମଧ୍ୟ ଝିଅକୁ ପାଇଲେ ନାହିଁ ଓ ଶେଷରେ ଝିଅର ବାପା ଜାଣିବାକୁ ପାଇଲାଯେ ଝିଅ କୁମାର ସାଙ୍ଗରେ ପଳାଇଥିବା ଜାଣିପାରି ୯ ଜାନୁୟାରୀ ୨୦୨୫ ରେ ବିଜେପୁର ଥାନାରେ କୁମର ତାଙ୍କ ଝିଅକୁ ନେଇ ଯାଇଥବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ ଓ ବିଜେପୁର ପୋଲିସ ନାବାଳିକା ପିତାଙ୍କ ଅଭିଯୋଗ ଆଧାରରେ ବିଜେପୁର ଥାନାରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ଓ ୨୪ ତାରିଖ ଦିନ କୁମର ଓ ନାବାଳିକା ଉଭୟେ ନିଜଘର ଗୋପିଗୁଡା ଗ୍ରାମକୁ ଆସିଥିଲେ ଓ କୌଣସି ସୂତ୍ରରୁ ଖବର ପାଇ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନି ଙ୍କ ନେତୃତ୍ୱରେ ପୋଲିସ ବଳ ସହିତ ଗୋପିଗୁଡା ଗ୍ରାମକୁ ଯାଇ ଉଭୟଙ୍କୁ ଧରି ଥାନାକୁ ଆଣି ପଚରା ଉଚୁରା କରିଥିଲେ ଓ ତଦନ୍ତ ପରେ ଜଣାପଡିଲାଯେ ବାହାଘର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିବା ବେଳେ ନାବାଳିକା ଜଣକ ବର୍ତ୍ତମାନ ଗର୍ଭବତୀ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ଓ ଶୁକ୍ରବାର ଲାଞ୍ଜିଗଡ ଠାରେ ଅଭିଯୁକ୍ତ କୁମରର ଡାକ୍ତରୀ ପରୀକ୍ଷା କରାଯାଇ ବିଜେପୁର ଥାନାକୁ ନେଇଥିବା ବେଳେ ନାବାଳିକା ପୀଡିତାକୁ ଭବାନୀପାଟଣା ଠାରେ ଡାକ୍ତରୀ ପରୀକ୍ଷା କରାଯିବା ପରେ ଏଡିଏସଜେ କମ୍ ପୋକ୍ସୋ କୋର୍ଟ ଭବାନୀପାଟଣାରେ ହାଜର କରାଯାଇଥିଲା ଏବଂ ନାବାଳିକାକୁ ସୁଧାର ଗୃହରେ ଛଡ଼ାଯାଇଥିଲା ଓ ଏ ନେଇ ବିଜେପୁର ଥାନା କେଶ ନଂ-୨/୨୫ ଅନୁଯାୟୀ ଗିରଫ କରି ଶନିବାର ଅଭିଯୁକ୍ତ କୁମରକୁ କୋର୍ଟ ଚାଲାଣ କରାଯାଇଥିବା ବିଜେପୁର ଥାନାଧିକାରୀ ନୀଳାମ୍ବର ଯାନୀ ପ୍ରକାଶ କରିଛନ୍ତି ।

## ନଦୀରେ ମାଛ ଧରୁଥିବା ବେଳେ ମତ୍ସ୍ୟଯିବି ନିଖୋଜ

ପାରାଦ୍ୱୀପ, (ମହାଭାରତ) : ନଦୀରେ ମାଛ ଧରୁଥିବା ବେଳେ ନିଖୋଜ ହୋଇଗଲେ ମତ୍ସ୍ୟଯିବି, କୁମ୍ଭୀର ଟାଣିନେଇଥିବା ନେଇ ଗୁଜବ ପ୍ରଚାରିତ ହେଉଥିବା ବେଳେ ଖବର ପାଇ କୁଜଙ୍ଗ ଅଗ୍ନିଶମ ବିଭାଗ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏହିଭଳି ଦୁଃଖଦ ଘଟଣା ଘଟିଯାଇଛି ଭୁତମୁଣ୍ଡାଇ ନିକଟସ୍ଥ ଚୌମୁହାଣୀ ମହାନଦୀ ରେ। ରାତିରୁ ପାରାଦୀପ ଗଡ଼ ଗ୍ରାମର ମହେନ୍ଦ୍ର ସେଠି ତାଙ୍କର ନାତିକୁ ସାଥିରେ ନେଇ ମହାନଦୀକୁ ମାଛ ଧରିବାକୁ ଯାଇଥିଲେ । ରାତି ପ୍ରାୟ ଚାରିଟା ପାଖାପାଖି ଜେଜେନାତି ଉଭୟ ଜାଲ ଟାଣୁଥିବା ସମୟରେ ହଠାତ ଜେଜେ ପାଣିରେ ନିଖୋଜ ହୋଇଯାଇଥିଲେ । ଜେଜେଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ, ଶେଷରେ ନାତି ରାଜେଶ ପାଟିକରି ସ୍ଥାନୀୟ ଲୋକଙ୍କୁ ଡକାଡକି କରିବା ପରେ ସ୍ଥାନୀୟ ଲୋକ କୁଜଙ୍ଗ ଅଗ୍ନିଶମ ବିଭାଗ କୁ ଖବର ଦେବା ସହିତ ଖୋଜାଖୋଜି କରିଥିଲେ । ଅଗ୍ନିଶମ ବିଭାଗର ଏକ ଟିମ ସକାଳ ଠାରୁ ଖୋଜାଖୋଜି ଜାରି ରଖିଛନ୍ତି । ତେବେ କୁମ୍ଭୀର ଆତଙ୍କକୁ ନେଇ ଗୁଜବ ହେଉଥିବା ବେଳେ ଏହି ଅଞ୍ଚଳ ରେ କୁମ୍ଭୀର ଦେଖାଯାଉଥିବା ନେଇ କିଛି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। କିନ୍ତୁ ଏହି ନିଖୋଜ ଘଟଣା କୁମ୍ଭୀର ପାଇଁ ନୁହେଁ ମାଛ ଧରୁଥିବା ସମୟରେ ହାଲିଆ ହୋଇଯିବା କାରଣରୁ ପଙ୍କ ରେ ଗୋଡ଼ ଲାଗିଯାଉ କିମ୍ବା ହାଲିଆ କାରଣରୁ ପାଣିରେ ବୁଡିଯିବା ଫଳରେ ନିଖୋଜ ହୋଇଯାଇଥିବା ନେଇ କୁଜଙ୍ଗ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ କହିଛନ୍ତି । ଜୁଆର କାରଣରୁ ସ୍ରୋତ ଅଧିକ ଥିବାରୁ ବର୍ତ୍ତମାନ ଖୋଜାଖୋଜି ଚାଲିଛି ଛାଡ଼ ସମୟରେ ନିଖୋଜ ମତ୍ସ୍ୟଯିବି ଙ୍କ ସନ୍ଧାନ ମିଳିବ ବୋଲି ପ୍ରକାଶ କରିଛନ୍ତି ଅଗ୍ନିଶମ ଅଧିକାରୀ ।

## ଜିଲ୍ଲାସ୍ତରୀୟ ଶକ୍ତିରୂପେଣ ସଂସ୍ଥିତା



କେନ୍ଦ୍ରାପଡା, (ମହାଭାରତ) : କେନ୍ଦ୍ରାପଡା ଜିଲ୍ଲାର ହରିହରାନନ୍ଦ ମାତୃଆଶ୍ରମ ପରିସରରେ ଜ୍ଞାନପ୍ରଭା ମିଶନ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାସ୍ତରୀୟ ଶକ୍ତିରୂପେଣ ସଂସ୍ଥିତା କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ରୁ ୫୦୦ ରୁ ଉର୍ଦ୍ଧ୍ୱ ସ୍କୁଲ କଲେଜ ରେ ପାଠ ପଢୁଥିବା ଝିଅମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜ୍ଞାନପ୍ରଭା ମିଶନ୍‌ର ଉପାଧ୍ୟକ୍ଷା ସ୍ୱାମୀ ଜ୍ଞାନସ୍ୱରୂପାନନ୍ଦ ଗିରି, ଯୁଗ୍ମସମ୍ପାଦିକା ସ୍ୱାମୀ ଗିରିଜାନନ୍ଦ ଗିରି, ସନ୍ନ୍ୟାସିନୀ ସ୍ୱାମୀ ଜ୍ୟୋତିର୍ମୟାନନ୍ଦ ଗିରି ଏବଂ ଶ୍ରୀମତୀ ସୁଜାତା ସାହୁ ମା ଭାରତୀୟ ସଂସ୍କୃତିରେ ଲୁପ୍ତ ହୋଇଯାଉଥିବା ସେହି ବୈଦିକ ସଂସ୍କୃତି, ସଂସ୍କାର ଏବଂ ନିଜକୁ ପବିତ୍ର ରଖିବା ସହିତ ସଂଯମ ଜୀବନ କରିବା ଓ ନିଜ ଭିତରେ ଦୈବୀଶକ୍ତି କୁ ଜାଗ୍ରତ କରି ନାରୀ ଜୀବନ ରେ ଆସୁଥିବା ବିଭିନ୍ନ ସମସ୍ୟାର ସମାଧାନ କିପରି କରିପାରିବେ ସେହି ବିଷୟରେ ଶିକ୍ଷା ଦେଇଥିଲେ । ଶ୍ରୀ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜାଙ୍କ ବାର୍ତ୍ତା ପିଲାମାନଙ୍କୁ ଖଉଡ ମାଧ୍ୟମ ରେ ଦେଖାଯାଇଥିଲା ।ଶ୍ରୀ ଗୁରୁଜୀଙ୍କର ଝିଅ ମାନଙ୍କ ପାଇଁ ଆଶୀର୍ବଚନ ଥିଲା ନାରୀ ଭୋଗ୍ୟା ନ ହୋଇ ପୂଜ୍ୟା ରୂପେ ପ୍ରତିଷ୍ଠିତ ହେଉ । ଅପରାହ୍ନ କାର୍ଯ୍ୟକ୍ରମ ରେ ଅତିରିକ୍ତ ନିର୍ଦ୍ଦେଶକ ଅନୁସନ୍ଧାନ ଲୋକାୟତ କାର୍ଯ୍ୟାଳୟ ବିଜୟଲକ୍ଷ୍ମୀ ଜେନା ,ଝକଉ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଆରାଧନା ଦାଶ,ମିଶନ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମିଶ୍ର ଉପସ୍ଥିତ ରହି ନାରୀମାନଙ୍କ ପରିବର୍ତ୍ତନ ରେ ସମାଜ ର ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଉଦବୋଧନ ଦେଇଥିବା ବେଳେ ଝିଅମାନଙ୍କୁ ସତ୍ ଚରିତ୍ର ଗଠନ ପାଇଁ ପ୍ରେରଣା ଦେଇଥିଲେ ।କାର୍ଯ୍ୟକ୍ରମ ଶେଷରେ ସତ୍ ଚରିତ୍ର ଗଠନ ପାଇଁ ଝିଅମାନଙ୍କୁ ସଙ୍କଳ୍ପ ପାଠ କରାଯାଇଥିଲା । ସନ୍ନ୍ୟାସିନୀ ସୁମେଧାନନ୍ଦ ଗିରି ସଭା ପରିଚାଳନା କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର କ୍ରୀୟାଯୋଗୀ ଶିଷ୍ୟଭକ୍ତ ମାନଙ୍କ ସହିତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ରେ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ କୁଲାଡ ଗ୍ରାମବାସୀ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି ।ସୂଚନା ଅନୁଯାୟୀ ବଅଁରପାଳ ରୁ ଅନୁଗୋଳ ଦେଇ ଯାଉଥିବା ଜାତୀୟ ରାଜପଥ କୁଲାଡ ଗ୍ରାମ ମଝିରେ ଯାଇଛି ଏବଂ ନାଲକୋରେ ପ୍ରଥମ କ୍ଷତିଗସ୍ତ ଗ୍ରାମ କହିଲେ କୁଲାଡ । ସରକାରୀ ସ୍ତରରେ ହେଉ ବା ନାଲକୋ ସ୍ତରରେ ହେଉ କୁଲାଡ ଗ୍ରାମବାସୀ ଆଜି ଅବହେଳିତ ।ସରକାରଙ୍କ ତରଫରୁ ମିଳୁଥିବା ଭତ୍ତା, ପକ୍କା ଘର ଓ ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି କୁଲାଡ ଗ୍ରାମବାସୀ । ସମୟ ସହିତ ସେମାନଙ୍କ ସମସ୍ୟା ଆହୁରି ଗଭୀର ହେବାକୁ ଲାଗୁଛି, କିନ୍ତୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ ।ଗ୍ରାମର ଅନେକ ପରିବାର ଆଜି ପର୍ଯ୍ୟନ୍ତ ନିଜର ମୌଳିକ ଅଧିକାର ପାଇବାରୁ ବଞ୍ଚିତ। ଅଭିଯୋଗ



ଅନୁଯାୟୀ କେହି ସରକାରୀ ଭତ୍ତା ପାଉ ନ ଥିବାବେଳେ, କେହି ପକ୍କା ଘର ଖଣ୍ଡେ ପାଇ ନାହାଁନ୍ତି ଏମିତିକି କିଛି ପିଲାମାନଙ୍କର ଆଧାର କାର୍ଡ ନ ଥିବାରୁ ପାଠପଢି ପାରୁ ନାହାନ୍ତି। କିଛି ସାହିକୁ ମଧ୍ୟ ଲାଇନ ଓ ପାଣି ଯାଇନାହିଁ ବୋଲି ଅଭିଯୋଗ ଆସିଛି । ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ ଜୀବନଯାପନ କରୁଛନ୍ତି । ଅନ୍ୟାନ୍ୟ ଗ୍ରାମବାସୀ ଆବଶ୍ୟକ ସରକାରୀ ସୁବିଧା ନ ମିଳିବାରୁ ଦୁର୍ଦ୍ଦଶାରେ ଅଛନ୍ତି ।ଏହି ଗୁରୁତର ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଗ୍ରାମବାସୀମାନେ ଆଶା ଭରସାରେ ସମ୍ପର୍କିତ ଅଧିକାରୀମାନଙ୍କ ପାଖକୁ ଯାଇ ନୟାନ୍ତ ହେଲେଣି । ଫଳ ଶୁନ ।ସରକାରୀ ସ୍ତରରେ କୌଣସି କାର୍ଯ୍ୟ ନ ହେବାରୁ ନିରାଶ ହୋଇ କୁଲାଡ ଗ୍ରାମର ସମାଜସେବୀ ଡଃ ଅଭୟ ସିଂଙ୍କ ପାଖକୁ ଯାଇଥିଲେ। ସମସ୍ୟାର ସମାଧାନ ପାଇଁ ଡଃ ସିଂ ବଅଁରପାଳ ବିଡିଓଙ୍କୁ ଏ ବାବଦରେ ଜଣାଇବା ସହ ଗ୍ରାମକୁ ଆସି ନିଜେ ସମସ୍ୟା ଦେଖି ଏହାର ସମାଧାନ କିପରି ହେବ ସେ ବିଷୟରେ ଆଲୋଚନା ହେବ ବୋଲି ବିଡ଼ିଓଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଦୁଃଖର ବିଷୟ ଅଭିଯୋଗକାରୀ ଦିନ ତମାମ ଅପେକ୍ଷାରେ ଥିଲେ ମଧ୍ୟ ବିଡିଓ ବାବୁଙ୍କର ଦେଖା ନ ଥିଲା। କିଛି କାରଣ ଦେଖାଇ ଅଧିକାରୀମାନେ ଗ୍ରାମକୁ ପହଞ୍ଚିପାରିଲେ ନାହିଁ ।ଏହି ଘଟଣା ଗ୍ରାମବାସୀମାନଙ୍କ ମନରେ ଗଭୀର ନିରାଶା ଓ କ୍ଷୋଭ ସୃଷ୍ଟି କରିଛି। ତଥାପି ସେମାନେ ଆଶା ଛାଡ଼ିନାହାନ୍ତି। ଅଧିକାରୀମାନେ ପୁନର୍ବାର ଆଉ ଗୋଟିଏ ଦିନ ସମୟ ନେଇଥିବାରୁ, ଗ୍ରାମବାସୀମାନେ ଆଶା କରୁଛନ୍ତି ଯେ ଆଗାମୀ ଦିନରେ ସେମାନଙ୍କ କଥା ଶୁଣାଯିବ ଏବଂ ସଠିକ୍ ନ୍ୟାୟ ମିଳିବ। କୁଲାଡ଼ ଗ୍ରାମର ଏହି ଜରୁରୀ ସମସ୍ୟାଗୁଡ଼ିକୁ ଗଭୀରତାର ସହିତ ଗ୍ରହଣ କରି ଶୀଘ୍ର ସମାଧାନ କରିବା ସହ ପାଠପଢାରୁ ବଞ୍ଚିତ ପିଲାମାନଙ୍କର ଆଧାର କରାଯାଉ, ଯାହା ଦ୍ୱାରା ଗ୍ରାମବାସୀମାନେ ତାଙ୍କର ନ୍ୟାୟସଙ୍ଗତ ଅଧିକାର ଓ ମୌଳିକ ସୁବିଧା ପାଇପାରିବେ ବୋଲି ସମାଜସେବୀ ଡଃ ସିଂ କହିଛନ୍ତି।

## ଜିଲ୍ଲାସ୍ତରୀୟ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ

ଘଂମଙ୍ଗଳଶ, (ମହାଭାରତ) : ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିଦ୍ଧାଣୀ ଉତ୍କଳ ବାସୀଙ୍କ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ମୋହନା ଦାଶରଥୀ ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ, ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ପାରଳା ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ସମେତ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଜନ ପ୍ରତିନିଧି,ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମାସେବୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବଜାର ଛକ ସ୍ଥିତ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସହରରେ ଗାନ୍ଧୀ ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ମହାରାଜାଙ୍କ ସ୍ମୃତି ସୌଧଠାରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ



ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ବିରବାଦ୍ୟ ଓ ପାଇକ ଆଖଡ଼ା ଦୋଳ କଳା ପ୍ରଦର୍ଶନ ଦେଖାଇ ଶୋଭାଯାତ୍ରା ସହର ପରିକ୍ରମା କାରାଯାଇଥିଲା। ପରେ ପରେ ସ୍ଥାନୀୟ ଗ୍ରାମିଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି,ଜିଲ୍ଲାପରିଷଦ ଗଜପତି, ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଗୋଷଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍.ବୀରରାଜୁ, ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ଦୟାମୟ ପାଢ଼ୀ ଯୋଗ ଦେଇଥିଲେ ।ସମସ୍ତ ଅତିଥି ଗଣ ନିଜ ନିଜ ଅଭିଭାଷଣ ରେ କହିଥିଲେ ଯେ ଭାଷା ଭିତ୍ତିରେ ଓଡିଶା ପ୍ରଦେଶ ଗଠନ କରିବାରେ ମହାରାଜା ଅନ୍ୟତମ, ମହାରାଜା ଅଞ୍ଚଳ ପାଇଁ ବିକାଶର, ଉନ୍ନତି, ନିରପେକ୍ଷ ଭାବେ ରାଜ୍ୟ ଶାସନ ଏବଂ ସମସ୍ତଙ୍କୁ ନେଇ ବିକାଶ କରିବା ତାଙ୍କର ମୂଳମନ୍ତ୍ର ଥିଲା ଓ ଓଡ଼ିଆ ଜାତିକୁ ସର୍ବାଗ୍ରେ ପହଞ୍ଚାଇବା ସହ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିବାରେ ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମହାରାଜା ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷରମୟ ସେନାପତି ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଶ୍ରୀ ଅମୂଲ୍ୟ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟରର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ବରିଷ୍ଠ ନାଗରିକ, ବୁଦ୍ଧିଜୀବି ଗଣମାଧ୍ୟମ ପ୍ରତିନିଧି ଗଣ ଓ ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣ ପ୍ରମୁଖ ଯୋଗ ଦେଇଥିଲେ।

## ବର୍ଜ୍ୟ ପାଉଁଶ ବୋଝେଇ ୨୦ଟି ହାଇୱା ଅଟକ: ପରିବେଶ ପ୍ରଦୂଷଣ ନେଇ ଗ୍ରାମବାସୀଙ୍କ ଅଭିଯୋଗ

ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : କୁତ୍ରା ବ୍ଲକ ଖତକୁରବାହାଲ ପଞ୍ଚାୟତ ଅନ୍ତର୍ଗତ ଉପରବାହାଲ ଗ୍ରାମରେ ଗତ କାଲି ବିଳମ୍ବିତ ରାତିରେ କାରଖାନାର ବର୍ଜ୍ୟ ପାଉଁଶ ବୋଝେଇ ୨୦ ଟି ହାଇଓ୍ୱା କୁ ଗ୍ରାମବାସୀ ମାନେ ଅଟକ ରଖିଥିଲେ । ଏହି ପାଉଁଶ ନିକଟସ୍ଥ ଡୁଙ୍ଗଲେଇ ପାହାଡ଼, ଖତକୁରବାହାଲ ଡାକ୍ତରଖାନା ନିକଟରେ ପକା ଯାଉଛି । ଯାହାକୁ ଗ୍ରାମବାସୀ ମାନେ ଘୋର ବିରୋଧ କରିଛନ୍ତି । ଖତକୁରବାହାଲ ସରପଞ୍ଚ ଝାଡ଼ି ଧନଓ୍ୱାର ଅଭିଯୋଗ ଆଣିଛନ୍ତି ଯେ ଉପରବାହାଲରେ ସରକାରୀ ଯୋଜନାରେ ଏକ ପୋଖରୀ ଖୋଳା ଯାଇଥିଲା ତେବେ ଏହି ପୋଖରୀରେ ମଧ୍ୟ କାରଖାନା ପାଉଁଶ ପକାଇ ପୋତି ଦିଆ ଯାଉଛି । ଏହାକୁ ଖତକୁରବାହାଲ ସରପଞ୍ଚ ଶ୍ରୀ ଧନଓ୍ୱାର, ସମିତି ସଭ୍ୟା ପୁଷ୍ପା ତିର୍କୀଙ୍କ ସମେତ ଉପରବାହାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଗାଡ଼ିଗୁଡ଼ିକୁ ରାତିର ଅନ୍ଧାରରେ ରାଜପଥ ଦେଇ ସେହି ଅଞ୍ଚଳର ରାସ୍ତାକଡ଼, ଜଙ୍ଗଲ ତଥା ବିଭିନ୍ନ ଅଞ୍ଚଳରେ ବର୍ଜ୍ୟପାଉଁଶ ପକାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ିଛି । ଗ୍ରାମବାସୀମାନଙ୍କ କହିବା ଅନୁସାରେ ଏହି ବେଆଇନ ବର୍ଜ୍ୟପାଉଁଶ ପକାଇବା କାରଣରୁ ପ୍ରଦୂଷଣ ବଢ଼ିବା ସହ ପରିବେଶ ଗୁରୁତର ଭାବେ ପ୍ରଭାବିତ ହେଉଛି। ବିଶେଷକରି ଚାଷଜମି ନଷ୍ଟ ହେଉଛି । ଏହାର ପ୍ରଭାବରେ ଜଳ, ମାଟି ଓ ପାର୍ଶ୍ୱବର୍ତ୍ତୀ ଜୀବଜଗତ ମଧ୍ୟ ଦୂଷିତ ହେବାର ଆଶଙ୍କା ବଢ଼ିଛି। ଏପରିକି ପାଉଁଶ ପରିବହନ ସମୟରେ ସମଗ୍ର କୁତ୍ରା ବ୍ଲକର ରାସ୍ତା ଘାଟରେ ପାଉଁଶ ପଡି ରାସ୍ତା ଦେଇ ଚଳାଚଳ କରୁଥିବା ବାଇକ ଚାଳକ ତଥା ଜନସାଧାରଣଙ୍କ ଆଖିରେ ପାଉଁଶ ଗୁଣ୍ଡ ପଶି ଆଖି ସମସ୍ୟା ସୃଷ୍ଟି କରୁଛି ।ସ୍ଥାନୀୟ ଲୋକଙ୍କ ଦାବି ଏହି ବେଆଇନ ବର୍ଜ୍ୟପାଉଁଶ ଚାଲାଣ ଉପରେ ତୁରନ୍ତ ସ୍ଥାୟୀ ରୋକ ଲଗାଇବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ ଲୋକମାନଙ୍କ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ଜୋର ଧରିଛି। ଅଟକ ଗାଡ଼ି ଗୁଡ଼ିକୁ ସିଜ୍ କରିବା ପାଇଁ ଦାବି ହେଉଛି । ପୁଲିସ ତଥା ପରିବହନ ବିଭାଗ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

# ଆସିକା ଅଞ୍ଚଳରେ ଦିନକୁ ଦିନ ବଢିବାକୁ ଲାଗିଲଣି ବିଷାକ୍ତ ମଦ ବ୍ୟବସାୟ ଚେଇଁ ଶୋଇଛି ଆସିକା ଅବକାରୀ

ଆସିକା, (ମହାଭାରତ) : ଆସିକା ଅଞ୍ଚଳରେ ଦିନକୁ ଦିନ ବିଷାକ୍ତ ମଦ ପ୍ରସ୍ତୁତି ବଢ଼ିବାକୁ ଲାଗିଛ। ଅବକାରୀ ବିଭାଗ ଚେଇଁ ଶୋଇଥିଲା ବେଳେ ଆସିକା ପୋଲିସ ପକ୍ଷରୁ ମଦ ଧରପଗଡ଼ ଜୋରଦାର ଚାଲିଛି। ଆସିକା ଅଞ୍ଚଳ ଏହି କ୍ରମରେ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ଅପମିଶ୍ରିତ ଦେଶୀମଦ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ଆଜି ଆସିକା ଥାନା ଜଗନ୍ନାଥପଲ୍ଲୀ ନିକଟ ଏରୋଗୋଲା ବସ୍ତିରେ ଆସିକା ଥାନାଧିକାରୀ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ୧୫୦୦ଲିଟର ପୋଚ ନଷ୍ଟ କରିବା ସହ ୫୦ ଲିଟର ମଦ ଜବତ କରାଯାଇଛି। ଏହାସହ ମଦ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ୨୦ରୁ ଉର୍ଦ୍ଧ ବ୍ୟାରେଲ ହାଣ୍ଡି, ଡେକ୍?ଚି ଆଦି ଜବତ କରାଯାଇଛି। ପୁଲିସ ମଦ କାରବାରରେ ସଂପୃକ୍ତ ପି. ମାଧବ, ପି ଗୋପାଳ,କେ. କାର୍ତ୍ତିକ, କେ. କୃଷ୍ଣ, ଏ. ରାମୁ କୁ ଗିରଫ କରି କୋର୍ଟ




ଚାଲାଣ କରିଛି। ପୁଲିସ ପକ୍ଷରୁ ବେଆଇନ ମଦ ପ୍ରସ୍ତୁତି ହେଉଥିବା ସ୍ଥାନରେ ଚଢ଼ଉ ଜାରି ରହିଥିବା ବେଳେ ଅବକାରୀ ବିଭାଗ କିପରି ଖବର ରହୁନି ତାହା ଚିନ୍ତାର ବିଷୟ ନା ଅବକାରୀ ବିଭାଗ ମଦ ମାଫିଆଙ୍କ ହାତ ବାରିସୀ ଚାଜିଛି ବୋଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ବିଗତ ବର୍ଷ ମାନଙ୍କରେ ମଦ ପାଇ ବହୁ ହତ୍ୟା ଅପହରଣ ହୋଇଥିବା ନଜିର ରହିଛି। ଯଦି ଏହିଭଳି ବେଆଇନ ମଦ ବ୍ୟବସାୟ ଚାଲେ ତେବେ ଆଗାମୀ ଦିନରେ ପୁଣି ସେ ପୁରୁଣା ଦିନ ଫେରିଆସିବ ଆଶଙ୍କାକୁ ଆଡେଇ ଦିଆ ଯାଇପାରିବିନି। ପ୍ରକାଶ ଥାଉକି ଚୋରା ମଦ ଓ ବାଲି ବ୍ୟବସାୟରେ ଆସିକାର ବିଭିନ୍ନ ଅପରାଧୀ ଗୋଷ୍ଠୀର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାଗିଦାରୀ ରହୁଛି। ଏହି ଚୋରା ବ୍ୟବସାୟରୁ ଅପରାଧିକ ଗୋଷ୍ଠୀ ପ୍ରଚୁର ଟଙ୍କା ପାଉଛନ୍ତି। ଯାହାଦ୍ୱାରା ଯେ ମୁହୁର୍ତରେ କିଛି ଭି ଅଘଟଣ ଘଟିପାରେ। ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି। ଯଦି ପୋଲିସ ଏବେଠାରୁ ଏହି ମାଫିଆଙ୍କ ଉପରେ ନଜର ନରଖେ ତେବେ ମୁଣ୍ଡ ଗଡ଼ିବା ସମ୍ଭାବନା କୁ ଆଡେଇ ଦିଆଯାଇପାରିବନି । ଆସିକାରେ ଅବକାରୀ ନିୟମକୁ ଖୋଲା ଖୋଲି ଚେଲେଞ୍ଜ କରି ଯେ ଭଳି ଭାବେ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ପାନଦୋକାନ, କିରାଣି ଦୋକାନରେ ଖୁଲମଖୁଲା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି ତାହାକୁ ଦେଖିଲେ ଲାଗୁଛି ଏଠି ଅବକାରୀ ବିଭାଗ ନିର୍ଦ୍ଦେଶରେ ସବୁ ଚାଲିଛି !ଆସିକା ଓ ଏହାର ଆଖ ପାଖ ତୁମ୍ବାଠେଙ୍ଗା ପଲ୍ଲୀ, ପାକେଲାପଲ୍ଲୀ ନିକଟ ସନ୍ତୋଷୀ ମନ୍ଦିର ନିକଟ ଏରଗୋଲା ବସ୍ତି ଓ କେ.ନୂଆପଲ୍ଲୀ ନିକଟ ବସ୍ତିରେ ପୋଚ ଓ ମଦ ପ୍ରସ୍ତୁତି ଚାଲିଛି। ଅବକାରୀ ବିଭାଗ ଏହା ଉପରେ ଦୃଷ୍ଟି ଦେବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ପାଇଁ ଦାବି ହୋଇଛି।

## ପୁନିଗୁଡ଼ାରେ ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଲାଞ୍ଜିଗଡ଼, (ମହାଭାରତ) :ଲାଞ୍ଜିଗଡ଼ ବ୍ଲକ କୁମଖାଲ ଗ୍ରାମ ପଞ୍ଚାୟତ ଅଧିନସ୍ତ ପୁନିଗୁଡ଼ା ଗ୍ରାମର ଖେଳ ପଡ଼ିଆ ଠାରେ ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତା ଆଜି ରବିବାର ଉଦଯାପିତ ହୋଇଯାଇଛି ।ଆଜି ଉଦଯାପନୀ ମ୍ୟାଚ୍ ହରିହରପୁର ଓ ମୂଷାନାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏହି ମ୍ୟାଚରେ ପ୍ରଥମେ ହରିହରପୁର ଦଳ ଟସ ଜିତିଥିଲେ ହେଁ ମୂଷାନାଲ ଦଳକୁ ବ୍ୟାଟିଂ କରିବାପାଇଁ ସୁଯୋଗ ଦେଇଥିବାରୁ ମୂଷାନାଲ ଦଳ ବ୍ୟାଟିଂ କରିଥିବାବେଳେ ୧୨ ଓଭର ବିନିମୟରେ ୬ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ହରିହରପୁର ଦଳ ୧୨ ଓଭର ବିନିମୟରେ ୪ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ମୂଷାନାଲ ଦଳ ଠାରୁ ପରାଜୟ ହୋଇଥିଲା ।ଉକ୍ତ ଉଦଯାପନୀ ଦିବସର ମ୍ୟାଚରେ ମୁଖ୍ୟ ଅତିଥି ଭାବେ କୁମଖାଲ ସରପଞ୍ଚ ସାନ୍ଧୁମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୁନିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶନ୍ନ ନାଏକ,ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଙ୍ଗଠନର ଲାଞ୍ଜିଗଡ଼ ଆବାହକ ମୁଲୁ ମାଝୀ, ସମାଜସେବୀ ସୁଶୀଲ ବିଭାର ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ବଜରଙ୍ଗ ଦଳର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



କଳିଙ୍ଗନଗର : (ମହାଭାରତ )ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଯାଜପୁର ଜିଲ୍ଲା ତରଫରୁ ଏକ ତିନି ଦିନିଆ ପ୍ରଶିକ୍ଷଣ ଶିବିର ସୁକିନ୍ଦା ଗଡ଼ ଶିଶୁ ମନ୍ଦିର ରେ ଅନୁଷ୍ଠିତ ହୋଇଯାଇଛି । ଏହି ସାଁଯ୍ୟ ପ୍ରଶିକ୍ଷଣ ଶିବିର ରେ ଶତାଧିକ ନୂଆ ପୀଢ଼ ଯୁବକ ରାଷ୍ଟ୍ର ଓ ଧର୍ମ ରକ୍ଷା ପାଇଁ ଶିକ୍ଷାର୍ଥୀ ଭାବେ ଯୋଗ ଦେଇ ସେବା, ସୁରକ୍ଷା ଓ ସଂସ୍କାର ର ଶିକ୍ଷା ଲାଭ କରିଥିଲେ ।ଏହି ପ୍ରଶିକ୍ଷଣ ଶିବିର ରେ ସଙ୍ଘସ୍ଥାନ, ଶାରୀରିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ ନିତ୍ୟ ଶିକ୍ଷକ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା, ସମାରୋପ ଦିବସ ରେ ଦୁର୍ଗା ବାହିନୀ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଏକ ପଥ ସଞ୍ଚଳନ ହୋଇଥିଲା, ହିନ୍ଦୁ ସନାତନ ଧର୍ମର ସୁରକ୍ଷା, ଗୋ ମାତାଙ୍କ ସୁରକ୍ଷା, ଯେପରି ବେଆଇନ ଧର୍ମାନ୍ତୀକରଣ ବଢି ଚାଲିଛି, ଯୁବକ ମାନଙ୍କୁ ଜାଗରଣ, ମା ଭଉଣୀ ମାନଙ୍କୁ ଆତ୍ମରକ୍ଷା କୌଶଳ ଆଦି ପ୍ରଶିକ୍ଷଣ ଦେବା ପ୍ରତ୍ୟକ ପ୍ରଖଣ୍ଡ ରେ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏହି ପ୍ରଶିକ୍ଷଣ ଶିବିର ରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ଓଡିଶା ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ,ସାନମାନିତ ଅତିଥି ଭାବେ ଓଡିଶା ପୂର୍ବ ପ୍ରାନ୍ତ ଜରଙ୍ଗ ଦଳ ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ,ପ୍ରବଚକ ପଣ୍ଡିତ ଅଶୋକ ଶର୍ମା,ମୁଖ୍ୟ ବକ୍ତା ଭାବେ ଓଡିଶା ଧର୍ମ ଜାଗରଣ ପ୍ରଚାର ପ୍ରସାର ପ୍ରମୁଖ ସ୍ୟଶ୍ରୀ ଦର୍ଶନ ବିଦ୍ୟାର୍ଥୀ ମହାରାଜ ଯୋଗ ଦେଇ ଆଶ୍ରିବଚନ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ଟିକୁ ଯାଜପୁର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଭାଇ ଓ ସ୍ଥାନୀୟ ପ୍ରଖଣ୍ଡ ର ଭାଇ ମାନଙ୍କ ସହଯୋଗ ରେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା ।

## ଆସିକା ରେ ନାନା ସମସ୍ୟାରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ

ଆସିକା(ମହାଭାରତ): ଆସିକାରେ ଜାତୀୟ ପଞ୍ଚାୟତରାଜ ଦିବସ ନାନା ଅବ୍ୟବସ୍ଥାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ସନ୍ଧ୍ୟା ୭. ୩୦ରେ ଆରମ୍ଭ ହୋଇଥିଲା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଜନସାଧାରଣ ଓ ବିଭିନ୍ନ ପ୍ରକାର ସରକାରୀ ସହାୟତା ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କୁ ଦିନ ୪ଟାରୁ ଡକାଯାଇଥିଲା ଫଳରେ ପ୍ରବଳ ଗ୍ରୀଷ୍ମ ପ୍ରବହାରେ ଲୋକ ଅସ୍ତବ୍ୟାସ ହୋଇ ବସିଥିବା ଲକ୍ଷ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ଦୁଇ ତିନିଜଣ ସରପଞ୍ଚ ସମିତି ସଭ୍ୟଙ୍କୁ ଛାଡିଦେଲେ ବ୍ଲକ ଅଧକ୍ଷା, ଜିଲ୍ଲା ପରିଷଦ, ସମିତି ସଭ୍ୟ, ସରପଞ୍ଚ କାହାର ଦେଖା ନଥିଲା କେବଳ କିଛି ହାତଗଣତି ହିତାଧିକାରୀ ଓ ଅଳ୍ପ ସଂଖ୍ୟକ ଏମବିକେ, ସିଆରପି,ପିଇଓ, ଯୋଗାଣ ଅଧିକାରୀ, ଜି ଆରଏସ କୁ ନେଇ ଜାତୀୟ ପ□ାୟତ ରାଜ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ,ବିଡ଼ିଓ ରାଜେନ୍ଦ୍ର ନାୟକ, ଥାନା ଅଧିକାରୀ ସୁଧୀର କୁମାର ସାହୁ, ପଂଚାୟତ ସମିତି ଉପାଧକ୍ଷା ରେଶମା ଦୋରା,ଏବିଡ଼ିଓ ସୁଶାନ୍ତ କୁମାର ବେହେରା, ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, ସନ୍ଦୀପ ପାଢ଼ୀ, ପୌରପରିଷଦ ଅଧକ୍ଷା ପ୍ରତିନିଧି ସତ୍ୟ ନାରାୟଣ ସ୍ୱାଇଁ,ବାଲିଶିରା ସରପଞ୍ଚ ଦୈତାରୀ ବେହେରା, ନିମିନା ସମିତି ସଭ୍ୟ ଶଶାଙ୍କ ଚର୍ଚ୍ଚି ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମ ମଧୁବାବୁ ପେନସନ ର ହିତାଧିକାରୀ ମାନଙ୍କୁ ଭତ୍ତା ପ୍ରଦାନ, ରାସନ କାର୍ଡ ଏବଂ ପ୍ରଧାନମନ୍ତ୍ରୀ ଆବାସ ଗୃହ ହିତାଧିକାରୀ ମାନଙ୍କୁ ପ୍ରୋତ୍ସାହନରାଶି ପ୍ରଦାନ କରାଯାଇଥିଲା । ଆସିକା ପଞ୍ଚାୟତ ସମିତିକୁ ରାଜ୍ୟରେ ଶ୍ରେଷ୍ଠ ପଂଚାୟତସମିତି କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ କରିଥିଲେ । ଆସିକା ବ୍ଲକ ର ସମସ୍ତ ପ୍ରମୁଖ ଯୋଗ ଦେଇଥିଲେ । ଆସିକା ବ୍ଲକ ବର୍ତ୍ତମାନ ମୁରବି ହୀନ ହୋଇଯାଇଥିବା ଚର୍ଚ୍ଚା ହେଉଛି ।

## ଶିଶୁ ଙ୍କୁ ନେଇ ସୁସଂସ୍କୃତ ସମାଜ ଗଠନ ପାଇଁ ବ୍ୟକ୍ତିତ୍ୱ ବିକାଶ ଶିବିର

ଅସ୍ତରଙ୍ଗ(ମହାଭାରତ) : ସଂସ୍କାରବାନ ଶିଶୁ ଙ୍କୁ ନେଇ ସୁ ସଂସ୍କୃତ ସମାଜ ଓ ସୁଦୃଢ ରାଷ୍ଟ୍ର ରାଷ୍ଟ୍ର ଗଠନ ପାଇଁ ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିର ରେ ମୂଳ ଲକ୍ଷ ରହିଛି ଛାତ୍ରଛାତ୍ରୀ ଙ୍କ ମନରେ ଲୁକ୍କାୟିତ ଶକ୍ତି କୁ ଜାଗ୍ରତ କରିବା, ନୈତିକତା କୁ ସୁଦୃଢ଼ କରିବା, ଜୀବନକୁ ଉଦ୍ଦେଶ୍ୟମୟ କରିବା ଓ ଆମ ଭବିଷ୍ୟତ ପିଢ଼ି କୁ ସଂସ୍କାରବାନ ନାଗରିକ ଭାବେ ଗଢିବା,ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବରପଦା ଗ୍ରାମ ରେ ଶ୍ରୀ ଶ୍ରୀ ଚୈତନ୍ୟଦେବ ଭାଗବତ ପ୍ରଚାର ସମିତି ତରଫରୁ ଏହି କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖ ରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ, ଏହି ବ୍ୟକ୍ତିତ୍ୱ ବିକାଶ ଶିବିର ରେ ପ୍ରଥମ ଶ୍ରେଣୀ ରୁ ୭ ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ଶିବିର ଚାଲିବ, ଶିବିର ରେ ପ୍ରମୁଖ ବିଷୟବସ୍ତୁ ରହିଛି । ଚରିତ୍ରଗଠନ ଓ ମୂଲ୍ୟବୋଧ ଶିକ୍ଷା, ଯୋଗ, ଧ୍ୟାନ ଓ ଆତ୍ମ ନିୟନ୍ତ୍ରଣ ପ୍ରଶିକ୍ଷଣ, ନେତୃତ୍ୱ ବିକାଶ ଓ ବ୍ୟକ୍ତିତ୍ୱ ଗଠନ, ଗୁରୁ ଶିଷ୍ୟ ପରମ୍ପରା ଓ ଭାରତୀୟ ସଂସ୍କୃତି ଚର୍ଚ୍ଚା, ଆଧାତ୍ମିକ ପ୍ରେରଣା ଓ ଜୀବନ ଦର୍ଶନ, ଶିଷ୍ଟାଚାର, ସେବା ଓ ରାଷ୍ଟ୍ରସେବାର ମନୋଭାବ ଜାଗରଣ । ଏହି ଶିବିର କୁ ଉଦ୍ଘାଟନ କରିବେ ପୁରୀ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ, ଯାହା ଏହି ପବିତ୍ର ପ୍ରୟାସ କୁ ଏକ ଐତିହାସିକ ମର୍ଯ୍ୟାଦା ପ୍ରଦାନ କରିବ ବୋଲି ଅନୁଷ୍ଠାନ ର ଉପଦେଷ୍ଟା ଓ ସଂଯୋଜକ ପୂଜ୍ୟ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ମତ ପ୍ରକାଶ କରିଥିଲେ । ବର୍ତ୍ତମାନ ଆଧୁନିକ ତା ଭିତରେ ଯେପରି ସମାଜ କୁପଥଗାମୀ ହେଉଛି । ଏହା ଉପରେ ଆଧାତ୍ମିକ ସାମାଜିକ ପରିବର୍ତ୍ତନ ପାଇଁ କୁ ଆଖି ଆଗରେ ରଖି ଗଜପତି ମହାରାଜ ଙ୍କ ଉଦ୍ଦେଶ୍ୟ ରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଛାତ୍ର ଛାତ୍ରୀ ମାନଙ୍କ ଭିତରେ ଲୁକ୍କାୟିତ ଶକ୍ତି କୁ ଜାଗ୍ରତ କରିବା, ନୈତିକ ମୂଲ୍ୟବୋଧ ର ବିକାଶ, ଆଜିର ଶିଶୁ କିଶୋର ଙ୍କୁ ଆସନ୍ତା କାଲି ସ୍ୱତନ୍ତ୍ର ନାଗରିକ ଭାବେ ଗଢିବା ଯିଏ ଆଧାତ୍ମିକ ସାମାଜିକ ମୂଲ୍ୟବୋଧ ର ସ୍ୱତନ୍ତ୍ର ଉଦାହରଣ ହୋଇପାରିବେ,ସାମିଲ ହେବେ ପୁରୀ ଜିଲ୍ଲା ରୁ ହଜାର ହଜାର ଛାତ୍ର ଛାତ୍ରୀ,ଏହି ଶିବିର ଆୟୋଜିତ ପାଇଁ ରବିବାର ସନ୍ଧ୍ୟା ରେ ଆଳସାହି ଐସାନେଶ୍ୱର ବିଦ୍ୟାପୀଠ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ।ଏହି ଶିବିର ରେ ମୁଖ୍ୟ ଭାବେ ଅନୁଷ୍ଠାନ ର ଉପଦେଷ୍ଟା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ରହି ମନୁଷ୍ୟ ଗଢ଼ା ଯଜ୍ଞ ଓ ସଂସ୍କାର ଆନ୍ଦୋଳନ ପାଇଁ ଅଭିଯାନ ରେ ସମସ୍ତ ଙ୍କ ସହାଭାଗିତା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ ।,ଏଥି ସହ ଅନୁଷ୍ଠାନ ର ବରିଷ୍ଠ କର୍ମୀ ଯଥା ନରେନ୍ଦ୍ର ସ୍ୱାଇଁ, ଜୟରାମ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ଭୋଳ, ଐସାନେଶ୍ୱର ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ ଉପସ୍ଥିତ ରହିଥିଲେ ।

# ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେଲେ ମା ଖମ୍ଭେଶ୍ୱରୀ

ଆସିକା(ମହାଭାରତ):ଆସିକା ଅଧିଷ୍ଠାତ୍ରୀ ଦେବୀ ବିଜେ ମା ଖମ୍ଭେଶ୍ୱରରୀ ଠାକୁରାଣୀ ଙ୍କ ବୈଶାଖୀ ଯାତ୍ରା ଶେଷ ପର୍ଯ୍ୟାୟରେ ।ଏହି ଅବସରରେ ମା ଖମ୍ଭେଶ୍ୱରୀ ଓ୍ୱାର୍ଡ ନମ୍ବର ୪ ଶରତ ପଣ୍ଡା ଙ୍କ ଘର ସମ୍ମୁଖରେ ଅସ୍ଥାୟୀ ମଣ୍ଡପରେ ସର୍ବସାଧାରଣଙ୍କୁ ଦର୍ଶନ ଦେଇଛନ୍ତି । ମାଙ୍କ ଯାତ୍ରାର ଶେଷ ତଥା ରବିବାର ଦିନ ଅନେକ ସାଂସ୍କୃତିକ ଓ ସାମାଜିକ ନାଟକ ଅନୁଷ୍ଠିତ ହୋଇ ୧୫ଦିନିଆ ବୈଶାଖୀ ଯାତ୍ରା ସମାପ୍ତ ହୋଇଛି ।ରବିବାର ଦିନ ଅସ୍ଥାୟୀ ମଣ୍ଡପକୁ ମା ବିଜେ କରିବା ପୂର୍ବରୁ ଶନିବାର ରାତ୍ର ତମାମ ଭକ୍ତଙ୍କ ମାନଙ୍କ ସହ ବାଦ୍ୟ ,ବାଣ,ବାଜଣାରେ ମା ଭକ୍ତଙ୍କ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ଦ୍ୱାରା ନିମନ୍ତ୍ରିତ ହୋଇ ଭୋଗ ଓ ପଣା ପୂଜା ପାଇଥିଲେ ।ମା ମନ୍ଦିର ସମ୍ମୁଖରେ ନାରୀ ସମାଜସେବୀ ସୂଦୀପ୍ତା ଦାଶ ଭକ୍ତଙ୍କୁ ପଣା ବଣ୍ଟନ କରିଥିଲେ । ନଗର ପରିକ୍ରମା କରି ମା ଅସ୍ଥାୟୀ ମଣ୍ଡପରେ ମା ବିଜେ ହେଲା ପରେ ଚାରି ପ୍ରହାର ପୂଜା ବିଧି କରା ଯାଇଥିଲା ।ରବିବାର ଦିନ ତମାମ ବିଭିଓ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ଗୀତ ନାଚ ରେ ମ□ କମ୍ପିଥିଲା ।ପୌରାଣିକ ନାଟକ ସୋଭଦ୍ରା ପ୍ରଣୟ, ପ୍ରହଲ୍ଲାଦ ନାଟକ ଏବଂ ସାମାଜିକ ନାଟକ ମଧ ମଞ୍ଚସ୍ଥ ହୋଇ ଲୋକଙ୍କୁ ଅଧିକ ମନୋରଞ୍ଜନ କରିଥିଲା ।



ଶନିବାର ଦିନ ମା ଖମ୍ଭେଶ୍ୱରୀଙ୍କ ଯାତ୍ରାର ଶେଷ ପଟୁଆର ନଗରବାସୀ ପକ୍ଷରୁ କାର୍ଯ୍ୟକ୍ରମ ଘଣ୍ଟ, ମୁର୍ଦ୍ଦୁଙ୍ଗ, ବାଘ ଷଣ୍ଢ ଘୋଡା ନାଚ ବିଭିଓ ଚରିତ୍ର ରେ ବେଶ ଭୁଷାରେ ବାଦ୍ୟ, ବାଣ, ବାଜଣା ରେ ମା ନଗର ମଧ ରାତ୍ର ରେ ଗମ୍ଭୀରା ରୁ ବାହାରି ସିଂହ ବିମାନ ଉପରେ ବିଜେ ହେବା ପରେ ନଗର ପରିକ୍ରମା ରାତ୍ର ତମାମ ମାଙ୍କ ନଗର ପରିକ୍ରମା ବେଳେ ସାଙ୍ଗକୁ ବିଭିଓ ଦେବା ଦେବୀଙ୍କ ବେଶ ଭୁଷା, ପଶୁମୁଖା ନୃତ୍ୟ ସହ ଢୋଲ,ମହୁରୀ ଏବଂ ରେକର୍ଡ ଡ୍ୟାନ୍ସରେ ରାଜଦାଣ୍ଡ ପ୍ରକମ୍ପିତ ହୋଇଥିଲା । ରବିବାର ଦିନ ଯାତ୍ରାର ଶେଷଦିନ ରେ ସାମାଜିକ ସଂସ୍କୃତିକ ନାଟକ ପରିବେଷଣ ହୋଇଥିଲା । ସୋମବାର ଦିନ ଅସ୍ଥାୟୀ ମଣ୍ଡପ ରୁ ବାହାରି ଭକ୍ତ ଙ୍କ ଗ୍ରହଣ ରେ ମା ଗମ୍ଭୀରା ବିଜେ କରିବେ । ଏହି ୧୫ ଦିନିଆ ଯାତ୍ରା ପାଇଁ ପରିଚାଳନା କମିଟି,ଅର୍ଚକ ବୃନ୍ଦ,ଗ୍ରାମବାସୀ ମାନେ ସହଯୋଗ ପ୍ରଦାନ କରିଥିଲେ ।

## ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିର ଉଦଯାପିତ

ଗଣିଆ,(ମହାଭାରତ): ଶ୍ରୀ ଶ୍ରୀ ରଘୁନାଥଜୀୟୁ ଡିଗ୍ରୀ ମହାବିଦ୍ୟାଳୟ, ଗଣିଆ ପରିସରରେ ସାତ ଦିନିଆ ଜାତୀୟ ସେବା ଯୋଜନା ଶିବିର ରବିବାର ଦିନ ଉଦଯାପିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଅଖିଳ କୁମାର ହୋତାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦଯାପନୀ ସମାରୋହରେ ଅତିଥିମାନେ ଯୋଗଦେଇ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।କାର୍ଯ୍ୟକ୍ରମରେ ମହିଳା କାର୍ଯ୍ୟକ୍ରମ ଅଧିକାରୀଣୀ ଭାବେ ଅଧ୍ୟାପିକା ଶର୍ମିଳା ଦାଶ ଏବଂ ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଭଗବାନ ପୃଷ୍ଟି ଯୋଗଦେଇ ଶିବିରର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ ଉପସ୍ଥିତ ରହି ସମାଜ ଗଠନରେ ଜାତୀୟ ସେବା ଯୋଜନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ ।ସମସ୍ତ ଶିବିରକ୍ଷର୍ଥୀ କରଡ଼ାପଡା, ପୂର୍ଣଚନ୍ଦ୍ରପୁର ଓ ଲଙ୍କାପୋଡି ମହୋତ୍ସବ ଭଳି ବିଭିଓ ସ୍ଥାନରେ କାର୍ଯ୍ୟ କରିଥିଲେ ।ଶିବିରରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା । ସାତ ଦିନ ଧରି ଚାଲିଥିବା ଏହି ଶିବିରରେ ବିଭିଓ ସାମାଜିକ ସଚେତନତା ଓ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ର ଛକ୍ଷତ୍ରୀ ମାନେ ଶିବିର ର ଅନୁଭୂତିକୁ ସମସ୍ତ ଙ୍କ ନିକଟରେ ପ୍ରତିପାଦନ କରି ଭାବ ପ୍ରବଣତା ଭିତରେ ନିଜକୁ ଅତ୍ମୀୟତା ର ପରିଭାଷା କୁ ସମସ୍ତ ସାଥି ମାନଙ୍କୁ ଅତିଥି ମାନଙ୍କ ସମ୍ମୁଖରେ ଜଣାଇଥିଲେ ।ପରିଶେଷରେ ମହାବିଦ୍ୟାଳୟ ର ଅଧକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଶିବିରର ସମାପ୍ତି କରିଥିଲେ ।

## ସିସିଟିଭିରେ କଏଦ୍ ହେଲା ବାଇକ ଚୋରି

କପ୍ତିପଦା -(ମହାଭାରତ ):କପ୍ତିପଦାରେ ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଗାଡି ତାଲା ଭାଙ୍ଗି ବାଇକ ଲୁଟିନେଲେ ଦୁର୍ବୃତ୍ତ । ସିସିଟିଭିରେ କଏଦ ହେଲା ଲାଇଭ ଲୁଟର ଭିଜୁଆଲ । ଉଦଳା ଥାନା ଉଦଳା - ବାରିପଦା ରାଜ୍ୟ ରାଜପଥର କଲିଆ ଛକ ନିକଟରେ ଥିବା ମଦ ଦୋକାନ ସାମ୍ନାରୁ ହୋଇଛି ବାଇକ ଲୁଟ । ୨ ଜଣ ଲୁଟେରା ସ୍ୱଷ୍ଟ ଦିବାଲୋକରେ ହାପ ପ୍ୟାଣ୍ଟ ପିନ୍ଧି ଆସି ଦୋକାନରୁ ମଦ କିଣିଥିଲେ । ମଦ କିଣିବା ପରେ ଦୋକାନ ବାହାରେ ଥିବା ଏକ ବାଇକ ଲୁଟିଥିଲେ । ବାଇକ ଲୁଟିବା ପୂର୍ବରୁ ନିଜ ବାଇକ ଭଳି ଗାଡି ଉପରେ ଶୋଇବା ସହିତ ଚାବିରେ ଗାଡି ଖୋଲିବାକୁ ଉଦ୍ୟମ କରିଥିଲେ । ହେଲେ ପରବର୍ତ୍ତୀ ସମୟରେ ବାଇକ ଲକ ଭାଙ୍ଗି ବାଇକ ଲୁଟ କରିଥିବା ସିସିଟିଭିରେ କଏଦ ହୋଇଛି

## ବେହେଡା ତାରିଣୀ ମନ୍ଦିରରୁ ଚୋରି: ଲୁଟିନେଲେ ମାଆ ଙ୍କ ଅଳଙ୍କାର ସହ ଦାନ ହୁଣ୍ଡୀ



ଉମରକୋଟ (ମହାଭାରତ) ଉମରକୋଟ ଥାନା ବେହେଡା ସ୍ଥିତ ତାରିଣୀ ମନ୍ଦିର ର ଗର୍ଭ ଗୃହ କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ମା ଙ୍କର ରୁପା ରେ ତିଆରି ଆଭୂଷଣ ସହ ଦାନ ହୁଣ୍ଡୀ ବାକ୍ସ ଭାଙ୍ଗି ଟଙ୍କା ନେଇଯାଇଥିବା ଘଟଣା ସମ୍ପର୍କ ରେ ଆଜି ଉମରକୋଟ ଥାନା ରେ ଅଭିଯୋଗ ହେଇଛି । ଏ ନେଇ କମିଟି ସଭାପତି ଓ ସଦସ୍ୟ ମାନେ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତ । ସୂଚନା ଅନୁସାରେ ଗତ ଶନିବାର ଦିନ ମାଆ ଙ୍କ ର ସନ୍ଧ୍ୟା ଆଳତୀ ଓ ନିତି କାନ୍ତି ପରେ ରାତିରେ ଦ୍ୱାର ବନ୍ଦ କରା ଯାଇଥିଲା । ରବିବାର ସକାଳେ ଗାଁ ର କିଛି ପିଲା ମନ୍ଦିର କବାଟ ଭଙ୍ଗା ଯାଇଥିବା ଓ ଶାୀ ବାକ୍ସ ଏଣେ ତେଣେ ପଡ଼ିଥିବା କମିଟି ସଦସ୍ୟ ମାନଙ୍କୁ ଜଣାଇଥିଲେ । ମନ୍ଦିର କମିଟି ସଦସ୍ୟ ଓ ଗ୍ରାମ ବାସୀ ଆସି ଦେଖିଲା ବେଳ କୁ ମନ୍ଦିର ର କବାଟ ତାଲା ଭଙ୍ଗା ହେବା ସହ ଗର୍ଭ ଗୃହ ରେ ମାଆ ଙ୍କ ର ପ୍ରତିମା କୁ ଦୁର୍ବୃତ ମାନେ ଭାଙ୍ଗି ଚାନ୍ଦୀ ର ଖୋଚିତ ଆଖି, ମଥା ର ରୁପା ମୁକୁଟ,ମୁଖ ଶୃଙ୍ଗାର ଉଦିଷ୍ଟ ରୁପା ର ସାମଗ୍ରୀ ଲୁଟିବା ସହ ଦାନ ହୁଣ୍ଡୀ ବାକ୍ସ ଭାଙ୍ଗି ଟଙ୍କା ନେଇଯାଇଥିବା ପ୍ରକାଶ କରିଛନ୍ତି । ଅଳଂକାର କୁ ଛାଡି ଦାନ ହୁଣ୍ଡୀ ବାକ୍ସ ରୁ ୫୦୦୦୦ ରୁ ଉର୍ଦ୍ଧ ଟଙ୍କା ଆକଳନ ହେବ ବୋଲି କମିଟି ସଦସ୍ୟ କହିଛନ୍ତି । ମନ୍ଦିର ର ପୂର୍ବ ପୂଜାରୀ ଙ୍କ କାର୍ଯ୍ୟ ଉପରେ ସନ୍ଦେହ ରହିଛି ବୋଲି ଏତଲା ରେ ଦର୍ଶାଇ ଥିବା ବେଳେ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଂଚି ଅନୁସନ୍ଧାନ କରିଥିବା ଜଣା ପଡିଛି ।

## ଉପ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଦୁଇ ଦିନିଆ ଜିଲ୍ଲା ଗସ୍ତରେ ଆସି ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୂପେଶ କୁମାର ପାଣିଗ୍ରାହୀ,ମାନ୍ୟବର ବିଧାୟକ ମୋହନା ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ, ସଭାପତି ଜିଲ୍ଲାପରିଷଦ ଶ୍ରୀ ଜି.ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶ୍ରୀଯୁକ୍ତ କାମଦେବ ବଡ଼ନାୟକ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀଯୁକ୍ତ ବଳବନ୍ତ ସିଂହ,ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନିନ୍ଦ୍ରା ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ,ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀ କେ.ନାଗା ରାଜୁ ପ୍ରମୁଖ ଉପସ୍ଥିତିରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି , ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ ବିଷୟକୁନେଇ ସମୀକ୍ଷା କରାଯାଇଥିଲା । ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା କାମ ଗୁଡ଼ିକୁ ତୁରନ୍ତ ସାରିବାକୁ ବିଭାଗୀୟ




ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସେହିପରି ଜିଲ୍ଲାର ବହୁତ ଗୁଡ଼ିଏ ଜଳ ପ୍ରପାତ ରହିଅଛି, ସେହି ଗୁଡ଼ିକୁ ଚିହ୍ନଟ କରି କିପରି ବିକାଶ ହୋଇପାରିବ ସେନେଇ ବନଖଣ୍ଡ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଛି । ମହେନ୍ଦ୍ରଗିରି ପର୍ବତକୁ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତି ନିଆଯାଇଛି । ସେହିପରି ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବିଭିଓ କାର୍ଯ୍ୟକ୍ରମକୁ ଅଧିକ ରୁ ଅଧିକ ବିକାଶ କରିବା ପାଇଁ ଆଲୋଚନା କରାଯାଇଛି । ମିଶନ ଶକ୍ତିର ମହିଳା ମାନଙ୍କୁ ଲକ୍ଷେ ପତି ଦିଦିଙ୍କ ସଂଖ୍ୟା ବୃଦ୍ଧି କରିବା ଓ ମହିଳାମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଏକ ରାଷ୍ଟ୍ର ଏକ ଜିନିଷ ବାଟେ ବିକ୍ରିବଟା କରିବାର ଲକ୍ଷ୍ୟ ରହିଛି । ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ମିଶନ ଶକ୍ତି ବଜାର କରିବା ନିମନ୍ତେ ଜାଗା ଚିହ୍ନଟ କରାଯିବ ଓ ମିଶନ ଶକ୍ତି ମହିଳାଙ୍କ ଉତ୍ପାଦିତ ଦ୍ରବ୍ୟକୁ ବଡ଼ ବଜାରରେ କିପରି ବିକ୍ରି ବଟା କରାଯାଇ ପାରିବ ସେନେଇ ବିଭାଗୀୟ ମାନଙ୍କ ସହିତ ଆଲୋଚନା କରାଯାଇଥିଲା । ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ବି.ଏନ୍.ରାଜପ୍ରାସାଦ ପରିଦର୍ଶନ କରି ଜିଲ୍ଲାର ଜୀବନ ରେଖା ବି.ଏନ୍.ରାଜପ୍ରାସାଦ କୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ଚେଷ୍ଟିତ ଜାରି ରହିଛି ବୋଲି କହିଥିଲେ । ଆଜିର ଏହି ସମୀକ୍ଷା ବୈଠକରେ ଗୋସାଣୀ ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ଏନ୍. ବୀରରାଜୁ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ,ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ମିଶନ ଶକ୍ତି ବିଭାଗର ସମସ୍ତ କର୍ମଚାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାବା ସାହେବ୍ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ

ହିନ୍ଦୋଳ(ମହାଭାରତ)ଆମ୍ବେଦକର ଡେଭଲପମେ□ ଆସୋସିଏସନ୍ ହିନ୍ଦୋଳ ଆନୁକୁଲ୍ୟରେ ଷଷ୍ଠ ତମ ବିଶ୍ ଜ୍ଞାନ ଦିବସ ଅଥବା ଡଃ ବାବା ସାହେବ୍ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ହିନ୍ଦୋଳ ଟାଉନ୍ ହଲ୍ ଠାରେ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶ୍ରୀଯୁକ୍ତ ସତ୍ୟ କୁମାର ନନ୍ଦ, ଉପଖଣ୍ଡ ପୋଲିସ ଅଧିକାରୀ, ହିନ୍ଦୋଳ ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ବିଦ୍ୟାଧର ନାୟକ, ଅବସରପ୍ରାପ୍ତ ବି□ ପରାମର୍ଶଦାତା, ଓଡ଼ିଶା, ସମ୍ମାନିତ ଅତିଥି ଭାବେ ଧୀମାନ୍ ବିରେନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ, ଢେଙ୍କାନାଳ, ଧୀମାନ୍ ହେମନ୍ତ କୁମାର ଭରଦ୍ୱାଜ, ବିଶିଷ୍ଟ ସମାଜ ସେବୀ ତଥା ଫାର୍ମାସିଷ୍ଟ,କଟକ,ସୁଶ୍ରୀ ସୋନା ନାୟକ ଇଂରାଜୀ ଅଧ୍ୟାପିକା ଜନତା ମହାବିଦ୍ୟାଳୟ ସାତମାଇଲ,ଧୀମାନ୍ ଚିତ୍ତ ଗୌତମ ସଂପାଦକ ଆମ୍ବେଦକର ଫାଉଣ୍ଡେସନ ଅନୁଗୋଳ, ଧୀମାନ୍ ଆକୁଳ ଗୋଛାୟତ ଉପ-ସଭାପତି ୧୪ କୋଷ ହାଡି ସମାଜ, ହିନ୍ଦୋଳ।ଧୀମାନ୍ ପ୍ରଦ୍ୟୁମ୍ନ କୁମାର ନାଏକ, ସଭାପତି ଆମ୍ବେଦକର ସେବା ସଂଗଠନ ଢେଙ୍କାନାଳ ଏବଂ ମୁଖ୍ୟବକ୍ତା ଭାବେ ଧୀମାନ୍ ଅମ୍ରି କୁମାର ପ୍ରଧାନ, ଅଧ୍ୟାପକ ଓଡିଆ ବିଭାଗ,ଜନତା ମହାବିଦ୍ୟାଳୟ ସାତମାଇଲ୍ ଯୋଗଦାନ କରିଥିଲେ

# ଆଧୁନିକ ଯୁଗରେ ମଧ୍ୟ ବଞ୍ଚି ରହିଛି ମାଟିରେ ନିର୍ମିତ ସାମଗ୍ରୀ

ଉମରକୋଟ (ମହାଭାରତ)ଦିନ ଥିଲା ଡହ ଡହ ଗ୍ରୀଷ୍ମ ଦିନରେ ଲୋକେ ଘରେ ଘରେ ମାଟି ରେ ନିର୍ମିତ ସୁରେଇ(ମାଟି ରେ ନିର୍ମିତ ମାଠିଆ ) ବ୍ୟବହାର କରୁଥିଲେ । ଥଣ୍ଡା ପାଣି ପିଇବା ର ତାହା ଥିଲା ମଧ୍ୟ ବିତ ପରିବାର ଠାରୁ ସାଧାରଣ ଲୋକ ଙ୍କ ପ୍ରଥମ ପସନ୍ଦ । ଥରେ ପାଣି ଭରିଲେ ଦିନ ତମାମ ପାଣି କୁ ଥଣ୍ଡା ରଖୁଥିଲା ଏହି ମାଟି ପାତ୍ର । ଲୋକେ ସ୍ଥାନୀୟ କୁମ୍ଭାର ମାନଙ୍କ ହାତ ତିଆରି ମାଠିଆ ପାଇଁ ହାଟ ବଜ଼ାର ଓ ସେମାନଙ୍କ ଘରୁ କିଣି ଆଣୁଥିଲେ । ଖାଲି ସେତିକି ନୁହେଁ କୁମ୍ଭାର ମାନଙ୍କ ହାତ ତିଆରି ମାଟିରେ ନିର୍ମିତ ମାଟି ହାଣ୍ଡି, କଳସୀ, ଦୀପ ଶିଖା,ଚୁଲା, ପଇସା ସଂଚୟ କୁଂପି, ପରି ଅନେକ ସାମଗ୍ରୀ ର ବଜ଼ାର ରେ ବେଶ ଚାହିଦା ଥିଲା । ଘରେ ପୂଜା ହେଉ ଅଥବା ବିଭାଘର ସବୁଠି ଖୋଜା ପଡୁଥିଲା କୁମ୍ଭାର ମାନଙ୍କ ର ମାଟି ପାତ୍ର ସାମଗ୍ରୀ । ହେଲେ ଆଗପରି ଆଉ



ସେମାନଙ୍କ ବ୍ୟବହାର ସାମଗ୍ରୀ ଯେମିତି ଏବେ ଅଲୋଡ଼ା ହେଇଯାଇଛି ।ସମୟ ର ଚକ୍ର ରେ ଏବେ ମାଟି ପାତ୍ର ସୁରେଇ ର ସ୍ଥାନ ନେଇଛି ଇଲେକ୍ଟ୍ରୋନିକସ ରେଫ୍ରିଜେଟର । ମାଟି ଦୀପ ଜାଗାରେ ଇଲେକ୍ଟ୍ରି ବଲବ ଆଉ ମାଟି ଚୁଲା ଜାଗାରେ ଗ୍ୟାସ ଚୁଲା । ଏ ସବୁ ଭିତରେ କିନ୍ତୁ ନିଜର କୌଳିକ ବୃତ୍ତି ଛାଡି ନାହାନ୍ତି ଉମରକୋଟ ବ୍ଲକ ର ଭାମିନି ଗ୍ରାମ ର ଟୁନା କୁମ୍ଭାର ଓ ତାଙ୍କ ପତ୍ନୀ ରେବତୀ କୁମ୍ଭାର ।ତାଙ୍କ କହିବା ଅନୁଯାୟୀ ମାଟି କାମ ଆମ ଖାଲି କୌଳିକ ବୃତ୍ତି ନୁହେଁ ଆମ ଚାରି ପ୍ରାଣୀ କୁଟୁମ୍ବ ର ବର୍ଷ ଯାକ ର ରୋଜଗାର ର ମାଧ୍ୟମ । ନିଜର ଜମି ନଥିବାରୁ ନିଜ ମାଟି ତିଆରି ସାମଗ୍ରୀ ବିକି ବର୍ଷ ଯାକ ଚଳି ଥାଉ । ପୁଅ, ଝିଅ ର ପାଠ ସାଙ୍ଗ କୁ ଯାନୀ ଯାତ୍ରା ବନ୍ଧୁ ବାନ୍ଧବ ଖର୍ଚ୍ଚ ସବୁ ଏହିଥିରୁ ମିଳିଥାଏ । ହେଲେ ଦିନକୁ ଦିନ ମାଟି ର ଅଭାବ ଓ ବାଲିଆ ମାଟି ପାଇଁ ପ୍ରତି ଟ୍ରାକ୍ଟର ପିଛା ମାସକୁ ୧୫୦୦ ରୁ ୨୦୦୦ ଟଙ୍କା ଖର୍ଚ କରିବାକୁ ପଡେ । ମାଟି ପାତ୍ର ପୋଡ଼ାଇବା ପାଇଁ ପାଳ ବାବଦକୁ ଅନ୍ୟ ଘରୁ ଟଙ୍କା ଦେଇ କିଣି ବାକୁ ପଡେ ।ତା ସାଙ୍ଗକୁ ପତି ପତ୍ନୀ ଦୁହେଁ ସକାଳ ୯ ଟାରୁ ସନ୍ଧ୍ୟା ପାଞ୍ଚ ଟା ପର୍ଯ୍ୟନ୍ତ ଶ୍ରମ ଦେଲେ ହିଁ ମାସକୁ ୧୫୦୦୦ ରୁ ୧୬୦୦୦ ପର୍ଯ୍ୟନ୍ତ ରୋଜଗାର ସମ୍ଭବ ହୁଏ ।ସବୁ ପ୍ରସ୍ତୁତି ସରିଲେ ସ୍ଥାନୀୟ ବଜ଼ାର ରେ ବିକ୍ରି କରି ପରିବାର ପାଇଁ ଆହାର ପ୍ରସ୍ତୁତ ହୁଏ ବୋଲି ସ୍ତ୍ରୀ ରେବତୀ କୁମ୍ଭାର କହିଛନ୍ତି । ଆଦିବାସୀ ବର୍ଗ ର ହେଇ ନଥିବାରୁ ସରକାର ଙ୍କ ଯୋଜନା ସାତ ସପନ.ନିଜର ଘର ପକ୍କା ଘର ଖଣ୍ଡିଏ ନଥିବାରୁ ସରକାର ଙ୍କୁ ବହୁ ବାର ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିନି ବୋଲି ଅଭିଯୋଗ କରିଛନ୍ତି । ହଜି ଯାଉଥିବା ବୃତ୍ତି ଗତ ବେଉସା ଏହି କୁମ୍ଭକାର ପରିବାର କୁ ଯଦି ଜିଲ୍ଲା ହସ୍ତ ଶିଳ୍ପ କାର୍ଯ୍ୟାଳୟ ରୁ ସହାୟତା ମିଳନ୍ତା ତା ହେଲେ ଏ ମାନଙ୍କ ଜୀବିକା ଓ ପାରିବାରିକ ଜିଇଁବାର ପଦ୍ଧତି ରେ ଉନ୍ନତି ଆସନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି ।

# ବ୍ୟାପକ ଦଳବଦଳ ଯୋଗୁ ୪ ବର୍ଷରେ ତାସ୍ ଘର ଭଳି ଭୁଶୁଡ଼ି ପଡ଼ିଥିଲା ୪୫ଟି ସରକାର

ନୂଆଦିଲ୍ଲୀ: ରାଘବ ଚଢ଼ାଙ୍କ ବିଦ୍ରୋହ ଆମ୍ ଆଦମୀ ପାର୍ଟିକୁ ଦୋହଲାଇ ଦେଇଥିବାବେଳେ ଏଥିରେ ବିଜେପିକୁ ବଡ଼ ଫାଇଦା ମିଳିଛି। ନିର୍ବାଚିତ ପ୍ରତିନିଧିଙ୍କ ଦଳ ପରିବର୍ତ୍ତନ ପୁଣିଥରେ ୬୦ ଦଶନ୍ଧିର ଶେଷ ଭାଗର ସେହି ଘଟଣାକୁ ଚର୍ଚ୍ଚାକୁ ଆଣିଛି, ଯେତେବେଳେ ଦଳବଦଳ ଯୋଗୁଁମାତ୍ର ୪ ବର୍ଷରେ ୪୫ଟି ନିର୍ବାଚିତ ସରକାର ଭାଙ୍ଗି ଯାଇଥିଲା ଓ ଭାରତରେ ଦଳ ବଦଳ ବିରୋଧୀ ଆଇନ ଅଣାଯିବାର ଆବଶ୍ୟକତା ଅନୁଭବ କରାଯାଇଥିଲା। ଏହି ଘଟଣାକୁ ନେଇ ଭୋଟରମାନେ ସେତେବେଳେ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଥିଲେ। ୧୯୬୭ ରୁ ୧୯୭୧ ମସିହାର ସେହି ସମୟକୁ ଭାରତୀୟ ରାଜନୀତିରେ 'ଅସ୍ଥିରତାର ଯୁଗ' କୁହାଯାଏ। ଏହି ସମୟ ସ୍ୱାଧୀନତା ପରବର୍ତ୍ତୀ କଂଗ୍ରେସର ପ୍ରାଧାନ୍ୟର ଅନ୍ତ ଘଟାଇବା ସହିତ ଦେଶରେ ମେଣ୍ଟ ସରକାର ସହିତ ପରୀକ୍ଷଣ ଆରମ୍ଭ ହୋଇଥିଲା। ଏହି ସମୟରେ ସମ୍ବିଧାନର ୩୫୬ ଧାରା ବ୍ୟବହାର କରି ୧୬ ଥର ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ୧୮୦୦ ବିଧାୟକ ଦଳବଦଳ କରିଥିଲେ, ସେମାନଙ୍କ ମଧ୍ୟରୁ ପାଖାପାଖି ୧୧୫ ଜଣଙ୍କୁ ମନ୍ତ୍ରିପଦ ମିଳିଥିଲା। ଭାରତୀୟ ରାଜନୀତିରେ 'ଆୟା ରାମ୍? ଗୟା ରାମ୍?' ଶବ୍ଦ ସେବେଠାରୁ ବ୍ୟବହାର ହୋଇଥିଲା। ୧୯୬୭ ମସିହାରେ ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ମାଡ୍ରାସ (ବର୍ତ୍ତମାନର ତାମିଲନାଡ୍ଡୁ), କେରଳ, ରାଜସ୍ଥାନ ଓ ପଞ୍ଜାବରେ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ମାଡ୍ରାସରେ ଡିଏମକେ ବହୁମତ ହାସଲ କରିଥିବା ବେଳେ, ଅଣ-କଂଗ୍ରେସ ଦଳଗୁଡ଼ିକର ଏକ ମେଣ୍ଟ, ସଂଯୁକ୍ତ ବିଧାୟକ ଦଳର ସରକାର ଅନ୍ୟ ରାଜ୍ୟଗୁଡ଼ିକରେ ଗଠିତ ହୋଇଥିଲା। ଆଦର୍ଶଗତ ଭାବରେ ଭିନ୍ନ, ଏହି ମେଣ୍ଟଗୁଡ଼ିକ ଆଭ୍ୟନ୍ତରୀଣ ବିରୋଧାଭାସରେ ପରିପୂର୍ଣ୍ଣ ଥିଲା, ଯାହା ଦକ୍ଷିଣପନ୍ଥୀ ଭାରତୀୟ ଜନସଂଘ ଏବଂ କମ୍ୟୁନିଷ୍ଟ ଦଳଗୁଡ଼ିକ ପରି ଭିନ୍ନ ସତ୍ତ୍ୱଗୁଡ଼ିକୁ ଏକତ୍ର କରିଥିଲା। କୌଣସି ଆଦର୍ଶଗତ ସମନ୍ୱୟ ନଥିବାରୁ, ଏହି ଅସଙ୍ଗତ ମେଣ୍ଟ ଦଳତ୍ୟାଗ ପାଇଁ ପ୍ରକୃଷ୍ଟ ସୁଯୋଗ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀ ହେବାର ମହତ୍ୱାକାଂକ୍ଷା ଦ୍ୱାରା ପ୍ରଭାବିତ ଅନେକ ପ୍ରଭାବଶାଳୀ କଂଗ୍ରେସ ନେତା ନିଜ ଦଳକୁ ବିଭାଜିତ କରିବାକୁ ପଛାଇ ନଥିଲେ। କେନ୍ଦ୍ରରେ ଶାସନ କରୁଥିବା କଂଗ୍ରେସ ମଧ୍ୟ ରାଜ୍ୟପାଳଙ୍କ ମାଧ୍ୟମରେ ବିରୋଧୀ ମେଣ୍ଟ ସରକାରଗୁଡ଼ିକୁ ଅସ୍ଥିର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅନେକ ଥର ଏହା ଧାରା ୩୫୬ ପ୍ରୟୋଗ କରି ରାଷ୍ଟ୍ରପତି ଶାସନ ଲାଗୁ କରିଥିଲା। ଏପରିକି ସରକାରଗୁଡ଼ିକୁ ଗୃହରେ ସେମାନଙ୍କର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ସୁଯୋଗ ମଧ୍ୟ ଦେଇନଥିଲା। ଉତ୍ତର ଭାରତରେ ବ୍ୟାପକ ରାଜନୈତିକ ପରିବର୍ତ୍ତନ ଘଟିଥିଲା। କେବଳ ହରିୟାଣା, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର ଓ ପଞ୍ଜାବରେ ୩୦ ରୁ ଅଧିକ ସରକାର ଗଠନ ଏବଂ ପତନ ଘଟିଥିଲା। ପୂର୍ବ ଏବଂ ଦକ୍ଷିଣ ଭାରତରେ ସମାନ ପ୍ରକାରର ଢାଞ୍ଚା ଦେଖାଯାଇଥିଲା। ଦଳ ବଦଳ ଏତେ ଭୟଙ୍କର ହୋଇଥିଲା ଯେ, ୧୯୬୮ ମସିହାରେ ତତ୍କାଳୀନ କେନ୍ଦ୍ର ଗୃହମନ୍ତ୍ରୀ ୱାଇବି ଚୌହାନଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। ୧୯୬୭ ନିର୍ବାଚନର ଗୋଟିଏ ବର୍ଷ ମଧ୍ୟରେ ଏହି କମିଟି ଶହ ଶହ ଦଳ ବଦଳ ଘଟଣା ରେକର୍ଡ କରିଥିଲା, ଯାହା ରାଜନୈତିକ ଅସ୍ଥିରତା ଉପରେ ସବୁଠାରୁ ପ୍ରାରମ୍ଭିକ ଏବଂ ସବୁଠାରୁ ପ୍ରାମାଣିକ ସରକାରୀ ଡକ୍ୟୁମେଣ୍ଟ ଭାବରେ ରହିଆସିଛି। ସମ୍ବିଧାନ ବିଶେଷଜ୍ଞ ସୁଭାଷ ସି କଶ୍ୟପ ମଧ୍ୟ ତାଙ୍କ ପୁସ୍ତକ ' ଦ ପଲିଟିକ୍ସ ଅଫ୍ ଡିଫେକ୍ସନ୍: ଏ ଷ୍ଟଡି ଅଫ୍ ଷ୍ଟେଟ୍ ପଲିଟିକ୍ସ ଇନ୍ ଇଣ୍ଡିଆ'ରେ ୧୯୬୭ରେ ଘୋଡ଼ା ବେପାର ଯୋଗୁ ସରକାରଗୁଡ଼ିକ ତାସଘର ଭଳି କିପରି ଭୁଶୁଡ଼ି ପଡୁଥିଲା ସେ ନେଇ ବିଶ୍ଳେଷଣ କରିଛନ୍ତି। ଏହି ରାଜନୈତିକ ଅସ୍ଥିରତାର ଫାଇଦା ନେଇ ଇନ୍ଦିରା ଗାନ୍ଧୀ ସେତେବେଳେ କେନ୍ଦ୍ରରେ ଦୃଢ଼ ସରକାର ଗଠନ ପାଇଁ ସ୍ଲୋଗାନ ଦେଇ ସଫଳ ହୋଇଥିଲେ। ୧୯୭୧ରେ ଇନ୍ଦିରା ଗାନ୍ଧୀ ବିପୁଳ ଭୋଟ ପାଇ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲେ। କଂଗ୍ରେସ ଲୋକସଭାରେ ୫୨୧ ଆସନରୁ ୩୫୨ଟି ଆସନ ଜିତିଥିଲା ଓ ଏହି ରଣନୀତି ଦଳ ବଦଳ ଧାରା ଉପରେ ସାମୟିକ ଭାବେ ଅଙ୍କୁଶ ଲଗାଇବାରେ ସଫଳ ହୋଇଥିଲା। ଏହି ସମୟରେ ଚଭନ କମିଟି ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ପରିଷଦର ଆକାର ବିଧାନସଭାର ମୋଟ ଶକ୍ତିର ୧୦-୧୧% ଅତିକ୍ରମ କରିବା ଉଚିତ୍ ନୁହେଁ ବୋଲି ସୁପାରିସ କରାଯାଇଥିଲା। ପରେ ୨୦୦୩ ମସିହାରେ, ୯୧ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହି ସୀମା ୧୫% ରେ ସ୍ଥିର କରାଯାଇଥିଲା। ଏହି ରିପୋର୍ଟ ଆଧାରରେ ୧୯୮୫ ମସିହାରେ ରାଜୀବ ଗାନ୍ଧୀ ସରକାର ଦଳବଦଳ ବିରୋଧୀ ଆଇନ ଆଣିଥିଲେ। ୫୨ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସମ୍ବିଧାନର ୧୦ମ ଅଧିସୂଚୀରେ ଦଳ ବଦଳ ବିରୋଧୀ ଆଇନ ଆଣିଥିଲେ। ୨୦୦୩ ମସିହାରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଏହି ଆଇନକୁ ଆହୁରି ସୁଦୃଢ଼ କରାଯାଇଥିଲା। ଦଶମ ଅନୁସୂଚୀ ଗୋଟିଏ ଦଳକୁ ଅନ୍ୟ ଦଳ ସହିତ ମିଶ୍ରଣ କିମ୍ବା ସେଥିରେ ସାମିଲ ହେବାର ଅନୁମତି ଦିଏ ଯଦି ଏହାର ବିଧାୟକମାନଙ୍କର ଅତି କମରେ ଦୁଇ-ତୃତୀୟାଂଶ ମିଶ୍ରଣ ସପକ୍ଷରେ ଥାଆନ୍ତି। ତେଣୁ ରାଘବ ଚଢ଼ା ଆପ୍‌ର ଦୁଇ - ତୃତୀୟାଂଶ ରାଜ୍ୟସଭା ସାଂସଦଙ୍କୁ ନେଇ ବିଜେପି ସାମିଲ ହୋଇଛନ୍ତି।

# ହରଭଜନଙ୍କୁ ଡବଲ୍ ଝଟ୍‌କା



ଚଣ୍ଡିଗଡ : ପଞ୍ଜାବର ରାଜନୈତିକ ପାଣିପାଗ ଏବେ ବେଶ ସରଗରମ ରହିଛି। ଆମ ଆଦମୀ ପାର୍ଟି (ଇଇଚ) ଛାଡ଼ି ଭାଜପାରେ ସାମିଲ ହେବାର କିଛି ଦିନ ପରେ, ପୂର୍ବତନ କ୍ରିକେଟର ତଥା ରାଜ୍ୟ ସଭା ଏମ୍‌ପି ହରଭଜନ ସିଂଙ୍କ ସୁରକ୍ଷା ବ୍ୟବସ୍ଥାକୁ ପଞ୍ଜାବ ସରକାର ପ୍ରତ୍ୟାହାର କରି ନେଇଛନ୍ତି। ରବିବାର ହରଭଜନଙ୍କ ବାସଭବନରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କୁ ହଟାଇ ଦିଆଯାଇଛି, ଯାହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ନିକଟରେ ହରଭଜନ ସିଂଙ୍କ ସମେତ 'ଆପ୍'ର ୭ ଜଣ ଏମ୍‌ପି ଭାଜପାରେ ଯୋଗ ଦେଇଛନ୍ତି। ଏହା ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ନେତୃତ୍ୱାଧୀନ ପାର୍ଟି ପାଇଁ ଏକ ବଡ଼ ଝଟକା ବୋଲି କୁହାଯାଉଛି। ଏହି ଦଳ ବଦଳ ପରେ 'ଆପ' କର୍ମୀମାନେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ଦିନ ଲୁଧିଆନା ଏବଂ ଜାଲନ୍ଧରରେ ଆମ ଆଦମୀ ପାର୍ଟିର କର୍ମୀମାନେ ହରଭଜନ ସିଂ, ଅଶୋକ ମିତ୍ତଲ ଏବଂ ରାଜିନ୍ଦର ଗୁପ୍ତାଙ୍କ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉତ୍ୟକ୍ତ କର୍ମୀମାନେ ସାଂସଦମାନଙ୍କ ଘର କାନ୍ଥରେ ସ୍ପ୍ରେ ପେଣ୍ଟରେ 'ଗଦ୍ଦାର'(ବିଶ୍ୱାସଘାତକ) ବୋଲି ଲେଖିବା ସହ 'ପଞ୍ଜାବର ଗଦ୍ଦାର' ସ୍ଲୋଗାନ ଦେଇଥିଲେ। ସୂଚନା ଅନୁଯାୟୀ, ରାଘବ ଚଢ଼ା, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ହରଭଜନ ସିଂ, ରାଜେନ୍ଦ୍ର ଗୁପ୍ତା, ସ୍ୱାତି ମାଲିଓ୍ୱାଲ ଏବଂ ବିକ୍ରମଜିତ ସାହନୀଙ୍କ ପରି ପ୍ରମୁଖ ନେତାମାନେ ଭାଜପାରେ ସାମିଲ ହୋଇଛନ୍ତି। ତେସ୍ସୁରକ୍ଷା ହଟାଯିବା ଏବଂ ବାସଭବନ ବାହାରେ ବିକ୍ଷୋଭ ପ୍ରଦର୍ଶନ ପରେ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ପଞ୍ଜାବ ଜନତାଙ୍କ ସହ ଏହି ଏମ୍‌ପିମାନେ ବିଶ୍ୱାସଘାତକତା କରିଥିବା 'ଆପ' କର୍ମୀମାନେ ଅଭିଯୋଗ କରିଛନ୍ତି।

# ମାଲି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହତ୍ୟା, ଆତଙ୍କବାଦୀ ଆକ୍ରମଣରେ ସାଦିଓ କାମାରାଙ୍କ ମୃତ୍ୟୁ



ମାଲି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହତ୍ୟା। ରାଜଧାନୀ ନିକଟବର୍ତ୍ତୀ କାଟି ସେନା ଘାଟି ନିକଟରେ ହୋଇଥିବା ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣରେ ମାଲି ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ୍ ସାଦିଓ କାମାରାଙ୍କ ମୃତ୍ୟୁ ହୋଇଛି। ଆତଙ୍କବାଦୀମାନେ ଜେନେରାଲ୍ କାମାରାଙ୍କ ବାସଭବନ ଆଗରେ ଶକ୍ତିଶାଳୀ କାର୍ ବୋମା ବିସ୍ଫୋରଣ କରିଥିଲେ। ଏହାପରେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ବିସ୍ଫୋରଣରେ ମନ୍ତ୍ରୀ କାମାରାଙ୍କ ସହ ତାଙ୍କର ଦ୍ୱିତୀୟ ପତ୍ନୀ ଏବଂ ଦୁଇ ନାତିନାତୁଣୀଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ଖବର ମିଳିଛି।

ଅଲ-କାଏଦା ସହ ଜଡିତ ଆତଙ୍କବାଦୀ ସଙ୍ଗଠନ ଔଘଓଗ ଏବଂ ଟୁଆରେଗ୍ ବିଦ୍ରୋହୀ ଗୋଷ୍ଠୀ ମିଳିତ ଭାବେ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛନ୍ତି। କେବଳ କାଟି ନୁହେଁ, ବାମାକୋ ବିମାନବନ୍ଦର, ଗାଓ, କିଡାଲ ଏବଂ ସେଭାରେ ଭଳି ଅନ୍ୟାନ୍ୟ ସହରରେ ମଧ୍ୟ ଜୋରଦାର ଆକ୍ରମଣ ହୋଇଛି। ସାଦିଓ କାମାରା ମାଲିର ସାମରିକ ଶାସନର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ନେତା ଥିଲେ। ୨୦୨୦ ଏବଂ ୨୦୨୧ ସାମରିକ ବିଦ୍ରୋହରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫ୍ରାନ୍ସ ସହ ସମ୍ପର୍କ ଛିନ୍ନ କରି ରୁଷିଆର 'ୱାଗନର୍ ଗ୍ରୁପ୍' ସହ ସାମରିକ ମେଣ୍ଟ କରିବାରେ ତାଙ୍କର ବଡ଼ ହାତ ଥିଲା।

ତାଙ୍କର ମୃତ୍ୟୁ ପରେ ମାଲିର ସୁରକ୍ଷା ବ୍ୟବସ୍ଥା ଏବଂ ସାମରିକ ଶାସକଙ୍କ ପାଇଁ ଏହା ଏକ ବଡ଼ ଝଟକା ବୋଲି କୁହାଯାଉଛି। କାମାରାଙ୍କ ହତ୍ୟା ପରେ ମାଲି ସରକାର ରାଜଧାନୀରେ ୭୨ ଘଣ୍ଟିଆ କର୍ଫ୍ୟୁ ଘୋଷଣା କରିଛନ୍ତି। ଶାସନ ପରିଚାଳନାକୁ ନେଇ ମାଲିରେ ଗୃହ ଯୁଦ୍ଧ ତେଜିବାରେ ଲାଗିଛି। ଫ୍ରାନ୍ସ ସମର୍ଥିତ ବିଦ୍ରୋହୀ ଗୋଷ୍ଠୀ ଅଧିକାଂଶ ସହରକୁ ନିଜ କବଜାକୁ ନେଇଥିବା ଦାବି କରୁଥିବା ବେଳେ ସେଗୁଡିକୁ ବିଦ୍ରୋହୀଙ୍କ ହାତରୁ ଛଡାଇ ଆଣିବା ପାଇଁ ଋଷ ସମର୍ଥିତ ୱାଗନର ଗ୍ରୁପ ଜୋରଦାର ଉଦ୍ୟମ କରୁଛନ୍ତି।

## ଟ୍ରମ୍ପଙ୍କୁ ଗୁଳିମାଡ଼ କରିଥିବା ଦୁର୍ବୃତ୍ତ କମ୍ପ୍ୟୁଟର ସାଇନ୍ସରେ ମାଷ୍ଟର

ନୂଆଦିଲ୍ଲୀ : ଫେଲ୍ ମାରିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଯୋଜନା। ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା। ତେବେ ଗୁଳିମାଡ କରିଥିବା ଦୁର୍ବୃତ୍ତକୁ ସୁରକ୍ଷାକର୍ମୀ ଧରିଛନ୍ତି। ଆମେରିକା ରାଷ୍ଟ୍ରପତି ଭବନ ହ୍ୱାଇଟହାଉସରେ ଡିନର ଚାଲିଥିବା ବେଳେ ହୋଇଥିବା ଗୁଳିକାଣ୍ଡ ମାମଲାରେ ଗିରଫ ସନ୍ଦିଗ୍ଧକୁ ଚିହ୍ନଟ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ତାଙ୍କ ନାମ କୋଲ ଟୋମାସ ଏଲେନ (୩୧) ଓ ସେ କାଲିଫର୍ଣ୍ଣିଆ ଟୋରେନ୍ସର ବାସିନ୍ଦା। ସେ ଜଣେ ଟ୍ୟୁଟର ଓ ସଫ୍ଟୱେର ଡେଭଲପର। ଅନଲାଇନ ପ୍ରୋଫାଇଲ ଅନୁସାରେ କୋଲ ଏଲେନ କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲଜିରେ ସ୍ନାତକ କରିବା



ପରେ ୨୦୧୭ ମସିହାରେ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲା। ୨୦୨୫ ମସିହାରେ କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭର୍ସିଟି, ଡେମିଂଗୁଏଜ ହିଲସ୍ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲା। ତା ଲିଙ୍କଡିନ୍ ପ୍ରୋଫାଇଲ ଅନୁସାରେ ଶିକ୍ଷାରେ ମେକାନିକାଲ ଇଞ୍ଜିନିୟର ଓ କମ୍ପ୍ୟୁଟର ସାଇନ୍ସ କରିଥିଲେ। ସେ ଜଣେ ଗେମ ଡେଭଲପର ଓ ଶିକ୍ଷକ। ସୂଚନାଯୋଗ୍ୟ, ୱାଶିଂଟନର ଏକ ହୋଟେଲରେ ଅତର୍କିତ ଗୁଳିମାଡ଼ ହୋଇଥିଲା। ଟ୍ରମ୍ପ ରାତ୍ରୀଭୋଜନରେ ଯୋଗ ଦେବାକୁ ଯାଉଥିବା ବେଳେ ହୋଟେଲରେ ଗୁଳିମାଡ ହୋଇଥିଲା। ଏହାପରେ ସିକ୍ରେଟ୍ ସର୍ଭିସ ଦ୍ୱାରା ସୁରକ୍ଷିତ ଭାବରେ ତାଙ୍କୁ ବାହାର କରାଯାଇଥିଲା।

# ଟଳିଲା ବଡ଼ ବିପଦ, ଅଳ୍ପକେ ବର୍ତ୍ତିଲେ ୨୩୨ ଯାତ୍ରୀ



ନୂଆଦିଲ୍ଲୀ : ଦିଲ୍ଲୀରୁ ଜୁରିଚ ଅଭିମୁଖେ ଯାଉଥିବା ସ୍ୱିସ ଏୟାରର ବିମାନ ଝଡଜ୍‌ ୧୪୬ ହଠାତ ଉଡ଼ାଣ ସମୟରେ ଏକ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହେବାରୁ ଦିଲ୍ଲୀ ବିମାନବନ୍ଦରରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଥିଲା। ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ବିମାନର ଇଞ୍ଜିନ ଉଡ଼ାଣ ଭରିବା ସମୟରେ ବିଫଳ ହୋଇଥିଲା, ଯାହା ଫଳରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବିମାନର ବାମ ପାର୍ଶ୍ୱରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା, ଯେତେବେଳେ ଡାହାଣ ପାର୍ଶ୍ୱରେ ଲ୍ୟାଣ୍ଡିଂ ଗିଅର ନିକଟରେ ନିଆଁ ଲାଗିଥିବା ରିପୋର୍ଟ ଆସିଥିଲା। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ତୁରନ୍ତ 'ପୂର୍ଣ୍ଣ ଜରୁରୀକାଳୀନ' ଘୋଷଣା କରାଯାଇଥିଲା, ଯାହା ଫଳରେ ବିମାନବନ୍ଦରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସୁରକ୍ଷା ସତର୍କତା ସ୍ୱରୂପ, ରନୱେ ୨୮ କୁ ଦୀର୍ଘ ସମୟ ପାଇଁ ବନ୍ଦ ରଖିବାକୁ ପଡିଥିଲା, ଯାହା ପରବର୍ତ୍ତୀ ସମୟରେ ଅନ୍ୟ ବିମାନ କାର୍ଯ୍ୟକୁ ପ୍ରଭାବିତ କରିଥିଲା। ତଥାପି, ସବୁଠାରୁ ବଡ଼ ଆଶ୍ୱସ୍ତି ଏହି କାରଣରୁ ମିଳିଥିଲା ଯେ ବିମାନରେ ଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଜରୁରୀକାଳୀନ ସ୍ଲାଇଡ ବ୍ୟବହାର କରି, ୨୩୨ ଜଣ ଯାତ୍ରୀ ଏବଂ ୧୩ ଜଣ କ୍ରୁ ସଦସ୍ୟଙ୍କୁ ଶୀଘ୍ର ଏବଂ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଏହି ପ୍ରକ୍ରିୟା ସମୟରେ, ଛଅ ଜଣ ଆହତ ହୋଇଥିଲେ। ବିମାନବନ୍ଦରର ଅଗ୍ନିଶମ ବାହିନୀ ଏବଂ ସୁରକ୍ଷା ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ ଏବଂ ନିଆଁକୁ ବ୍ୟାପିବାରୁ ରୋକିଥିଲେ। ସମୟୋଚିତ ପଦକ୍ଷେପ ଯୋଗୁଁ ଏକ ବଡ଼ ବିପର୍ଯ୍ୟୟ ଟଳିଗଲା। ଇଞ୍ଜିନ ବିଫଳତାର ସଠିକ କାରଣ ନିର୍ଣ୍ଣୟ କରିବା ପାଇଁ ବର୍ତ୍ତମାନ ଘଟଣାର ତଦନ୍ତ ଚାଲିଛି।

# ଟ୍ରମ୍ପ ପ୍ରଶାସନରୁ ହଟିବେ ଏଫବିଆଇ ନିର୍ଦ୍ଦେଶକ କାସ୍ ପଟେଲ!



ୱାସିଂଟନ: ଆମେରିକାର ଆଭ୍ୟନ୍ତରୀଣ ରାଜନୀତିରେ ପୁଣି ତୀବ୍ର ହଲଚଲ ଦେଖିବାକୁ ମିଳିଛି। ରିପୋର୍ଟ ଅନୁଯାୟୀ, ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ଏଫବିଆଇ) ନିର୍ଦ୍ଦେଶକ କାସ୍ ପଟେଲଙ୍କୁ ଖୁବ୍ ଶୀଘ୍ର ଟ୍ରମ୍ପ ପ୍ରଶାସନ ତାଙ୍କ ପଦରୁ ହଟେଇ ଦେଇପାରେ। ଏନେଇ ଆଧିକାରିକ ଭାବେ କୌଣସି ଘୋଷଣା ହୋଇନଥିବା ବେଳେ ହ୍ୱାଇଟ୍ ହାଉସର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ଖବରରୁ ଏପରି ଅନୁମାନ କରାଯାଉଛି। ଆମେରିକାର ରାଜନୈତିକ ଡିଜିଟାଲ ସମାଚାର ପତ୍ର 'ପୋଲିଟିକୋ'ର ରିପୋର୍ଟ ଅନୁଯାୟୀ, ହ୍ୱାଇଟ୍ ହାଉସର ଜଣେ ଅଧିକାରୀ କହିଛନ୍ତି ଯେ, କାସ୍ ପଟେଲଙ୍କୁ ହଟାଯିବାର ସମୟ ପାଖେଇ ଆସୁଛି। ତାଙ୍କ ପଦବି ଯିବାର ସମସ୍ତ ସମ୍ଭାବନା ରହିଛି। ୱାସିଂଟନରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟଙ୍କ ନୈଶଭୋଜନ ସମୟରେ ଘଟିଥିବା ଗୁଳିକାଣ୍ଡ ଘଟଣାବେଳେ ଏହି ରିପୋର୍ଟ ଆସିଛି। ଭାରତୀୟ ବଂଶୋଦ୍ଭବ ପଟେଲଙ୍କୁ ହଟେଇବା ପାଇଁ ତାଙ୍କ ମଦ୍ୟପାନ ସମ୍ପର୍କିତ ବିବାଦ, ଇରାନ ହ୍ୟାକର୍ସଙ୍କ ଦ୍ୱାରା ତାଙ୍କ ଇମେଲ ହ୍ୟାକ୍ ହେବା ଓ ଅନ୍ୟ କେତେକ ମାମଲା ରହିଛି ବୋଲି ରିପୋର୍ଟରେ କୁହାଯାଉଛି। ତେବେ ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଏବେବି ପଟେଲଙ୍କ ଉପରେ ଭରସା ରହିଛି। 'ଦ ଇଣ୍ଟରସେପ୍ଟ' ନାମକ ଗଣମାଧ୍ୟମ ୱେବସାଇଟ୍ ପକ୍ଷରୁ କୁହାଯାଇଛି ଯେ, ପଟେଲ ନିଜେ ସ୍ୱୀକାର କରିଛନ୍ତି ଯେ, ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ସେ ଦୁଇଥର ଗିରଫ ହୋଇଛନ୍ତି। 'ଦ ଆଟଲାଣ୍ଟିକ' ଏହାର ରିପୋର୍ଟରେ କହିଛି ଯେ, ପଟେଲ ତାଙ୍କୁ ନିଶା ହେବା ପର୍ଯ୍ୟନ୍ତ ମଦ୍ୟପାନ କରନ୍ତି। ତେବେ ଏହି ରିପୋର୍ଟ ଉପରେ ପଟେଲ ୨୫୦ ନିୟୁତ ଡଲାରର ମକଦ୍ଦମା ରୁଜୁ କରିଛନ୍ତି। ଶୁକ୍ରବାର ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି ଯେ, ଟ୍ରମ୍ପ୍‌ଙ୍କର ଏବେବି ପଟେଲ୍‌ଙ୍କ ଉପରେ ଗଭୀର ବିଶ୍ୱାସ ରହିଛ

# ୧୦୦ ମିଟର ଦୂରରେ ହେଉଥିଲା ଭାଜପାର ରାଲି, ଶବ୍ଦ ଶୁଣି ରାଗିଗଲେ ମମତା



କୋଲକାତା, ୨୬।୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରଚାର ଜୋରଦାର ଚାଲିଛି। ଶନିବାର (୨୬ ଏପ୍ରିଲ) ଦିନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁରରେ ଏକ ରାଲି କରିଥିଲେ। ସଂଯୋଗବଶତଃ, ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ତାଙ୍କ ରାଲି ସ୍ଥାନରୁ ମାତ୍ର ୧୦୦ ମିଟର ଦୂରରେ ଏକ ସଭା ହେଉଥିଲା। ଏହି ପରିସ୍ଥିତି ଏକ ଅସ୍ଥିର ପରିବେଶ ସୃଷ୍ଟି କରିଥିଲା, ଯାହା ଫଳରେ ଟିଏମସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବଙ୍ଗଳାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଥିଲେ ଯେ ଭାଜପା ଜାଣିଶୁଣି କେବଳ ତାଙ୍କ କାର୍ଯ୍ୟକ୍ରମକୁ ବାଧା ଦେବା ପାଇଁ ନିକଟରେ ଏକ ରାଲି ଆୟୋଜନ କରିଥିଲା; ଏହା ବ୍ୟତୀତ, ସେ ଦାବି କରିଥିଲେ ଯେ ସେମାନଙ୍କର ଲାଉଡସ୍ପିକରଗୁଡ଼ିକ ତାଙ୍କ ମଞ୍ଚ ଆଡ଼କୁ ନିର୍ଦ୍ଦେଶିତ କରାଯାଇଥିଲା। ଏହାପରେ ହଠାତ୍ ସେ ତାଙ୍କ ଭାଷଣକୁ ମଝି ରାସ୍ତାରେ ବନ୍ଦ କରିଦେଲେ, ସେଠାରେ ସମବେତ ଜନତାଙ୍କୁ କ୍ଷମା ମାଗିଲେ ଏବଂ ସ୍ଥାନ ଛାଡିଦେଲେ।

ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ଥାନ ପରେ, ଟିଏମସି କର୍ମୀମାନେ ଅଧିକାରୀଙ୍କ ରାଲି ସ୍ଥାନ ଆଡକୁ ଶୋଭାଯାତ୍ରା କଲେ ଏବଂ ବିରୋଧ କରିବା ଆରମ୍ଭ କଲେ। ପରିସ୍ଥିତି ଟିଏମସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷରେ ପହଞ୍ଚିଗଲା। ତଥାପି, ଘଟଣାସ୍ଥଳରେ ନିୟୋଜିତ ପୋଲିସ କର୍ମଚାରୀମାନେ ହସ୍ତକ୍ଷେପ କରି ଭିଡ଼କୁ ଘଉଡ଼ାଇ ଦେଇଥିଲେ। ସେହି ସମୟରେ, ଶୁଭେନ୍ଦୁ ଅଧିକାରୀ ସାଧାରଣ ସଭାରେ ପହଞ୍ଚି ନ ଥିଲେ। ପରେ, ସେ ମନ୍ତବ୍ୟ ଦେଇଥିଲେ ଯେ ବଙ୍ଗଳାରେ "ଗୁଣ୍ଡା ରାଜ" (ଗୁଣ୍ଡାମାନଙ୍କ ଶାସନ) ଚାଲିଛି, ଯାହାକୁ ଉଚିତ ଜବାବ ଦିଆଯିବା ଆବଶ୍ୟକ। ଘଟଣାର ଏକ ଭିଡିଓ ସେୟାର କରି ଭାଜପା ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ କହିଛନ୍ତି ଯେ ପରାଜୟ ଭୟରେ ମମତା ବାନାର୍ଜୀ ତାଙ୍କର ମାନସିକ ସ୍ଥିରତା ହରାଇଛନ୍ତି। ଏହା ଉଲ୍ଲେଖନୀୟ ଯେ ଭବାନୀପୁର ନିର୍ବାଚନମଣ୍ଡଳୀକୁ ଟିଏମସିର ଏକ ଗଡ଼ ବୋଲି ବିବେଚନା କରାଯାଏ। ମମତା ବାନାର୍ଜୀ ୨୦୧୧ ପରଠାରୁ ଏହି ଆସନରେ ତିନି ଥର ବିଜୟୀ ହୋଇଛନ୍ତି। ୧୪୧ଟି ଅନ୍ୟ ନିର୍ବାଚନମଣ୍ଡଳୀ ସହିତ ଭବାନୀପୁର ଆସନ ପାଇଁ ଭୋଟ ଗ୍ରହଣ ୨୯ ଏପ୍ରିଲରେ ହେବାର କାର୍ଯ୍ୟକ୍ରମ ରହିଛି। ଶନିବାର, କୋଲକାତା ପୋଲିସ କାଲିଘାଟ ଏବଂ ଆଲିପୁର ଥାନା ପାଇଁ ନୂତନ ପ୍ରଭାରୀ ଅଧିକାରୀ (ଓସି) ନିଯୁକ୍ତ କରିଛି। ଏହି ଦୁଇଟି ଷ୍ଟେସନ ହାଇ-ପ୍ରୋଫାଇଲ ଭବାନୀପୁର ବିଧାନସଭା ନିର୍ବାଚନମଣ୍ଡଳୀର କ୍ଷେତ୍ରାଧିକାର ଅଧୀନରେ ପଡ଼ିଥାଏ, ଯେଉଁଠାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିଛନ୍ତି। ପୋଲିସ କମିଶନର ଅଜୟ ନନ୍ଦଙ୍କ ଦ୍ୱାରା ଜାରି ଏକ ଆଦେଶରେ କୁହାଯାଇଛି ଯେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ପାଳନ କରି ଏହି ସ୍ଥାନାନ୍ତର କରାଯାଇଛି।

# ରାଜସ୍ଥାନକୁ ୫ ୱିକେଟ୍‌ରେ ପରାସ୍ତ କଲା ହାଇଦ୍ରାବାଦ୍; କ୍ରମାଗତ ଚତୁର୍ଥ ବିଜୟ ହାସଲ

## ଦମଦାର ଶତକ ହାସଲ କଲେ ସୂର୍ଯ୍ୟବଂଶୀ

ଜୟପୁର୨୬।୪:: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୬ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ସନରାଇଜର୍ସ ହାଇଦ୍ରାବାଦ ୫ ୱିକେଟ୍‌ରେ ପରାସ୍ତ କରିଛି। ଏଥି ସହିତ ହାଇଦ୍ରାବାଦ ଚଳିତ ଆଇପିଏଲ୍ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଏହା ପୂର୍ବରୁ ହାଇଦ୍ରାବାଦ ଗତ ୨୧ ତାରିଖରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୪୭ ରନ୍, ଚେନ୍ନାଇ ସୁପର କିଙ୍ଗ୍‌ସକୁ ଏପ୍ରିଲ ୧୮ ତାରିଖରେ ୧୦ ରନ୍ ଏବଂ ଏପ୍ରିଲ ୧୩ ତାରିଖରେ ରାଜସ୍ଥାନକୁ ଅନ୍ୟ ଏକ ମ୍ୟାଚ୍‌ରେ ୫୭ ରନ୍‌ରେ ପରାସ୍ତ କରିଥିଲା।

ଜୟପୁରସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମରେ ହାଇଦ୍ରାବାଦ ୨୨୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳକୁ ମାତ୍ର ୭ ରନ୍‌ରେ ପ୍ରଥମ ଝଟକା ଲାଗିଥିଲା। ଟ୍ରାଭିସ ହେଡ୍ ୫ଟି ବଲ୍ ଖେଳି ଗୋଟିଏ ଛକା ସହାୟତାରେ ୭ ରନ୍ ସଂଗ୍ରହ କରିଥିଲେ। ତାଙ୍କର ସାଥୀ ଖେଳାଳି ଅଭିଷେକ ଶର୍ମା ଏବଂ ଈଶାନ କିଶନ ଦ୍ୱିତୀୟ ୱିକେଟ୍ ପାଇଁ ୧୩୨ ରନ୍ ସଂଗ୍ରହ କରିଥିଲେ। ଅଭିଷେକ ୨୯ ବଲ୍ ଖେଳି ୧୧ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଈଶାନ କିଶନ ୭୪ ରନ୍ ସଂଗ୍ରହ କରିଥିଲେ। ସେ ୩୧ଟି ବଲ୍ ଖେଳି ୧୧ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ହେନରିକ୍ କ୍ଲାସେଁ ୨୪ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୯ ରନ୍ ସଂଗ୍ରହ କରିଥିଲେ। ନିତିଶ କୁମାର ରେଡ୍ଡୀ ୧୮ଟି ବଲ୍ ଖେଳି ୨ଟି ଚୌକା ଏବଂ ୩ଟି ଛକା ବଳରେ ୩୬ ରନ୍ ସଂଗ୍ରହ କରିଥିଲେ।





ଟସ୍ ଜିଣି ହାଇଦ୍ରାବାଦ ବୋଲିଂ ନିଷ୍ପତ୍ତି ନେଇଥିଲା ଏବଂ ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରାଜସ୍ଥାନ ପାଇଁ ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୪୦ ରନ୍‌ର ଭାଗିଦାରୀ କରିଥିଲେ। ଏଥିରେ ଜୟସ୍ୱାଲ ୧୦ ରନ୍ କରିଥିଲେ। ସେ ୮ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ।

ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ରାଜସ୍ଥାନର ବ୍ୟାଟର ଧ୍ରୁବ ଜୁରେଲ। କିନ୍ତୁ ଏହା ପୂର୍ବରୁ ସେ ବୈଭବଙ୍କ ସହିତ ୧୧୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ସେ ବ୍ୟକ୍ତିଗତ ଭାବେ ୫୨ ରନ୍ କରିଥିଲେ, ଯେଉଁଥିରେ ୮ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା। ତୃତୀୟ ୱିକେଟ ହରାଇଲା ବେଳକୁ ରାଜସ୍ଥାନର ସ୍କୋର ୧୭୦ ରନ୍‌ରେ ପହଞ୍ଚି ଥିଲା। ଏହି ସମୟରେ ବୈଭବ ସୂର୍ଯ୍ୟବଂଶୀ ଆଉଟ୍ ହୋଇଥିଲେ। ସେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସେ ୩୭ଟି ବଲ୍ ଖେଳି ୫ଟି ଚୌକା ଏବଂ ୧୨ଟ ଛକା ବଳରେ ୧୦୩ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୨୮ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦର ଚତୁର୍ଥ ଶିକାର ହୋଇଥିଲେ ରିୟାନ ପରାଗ। ସେ ମାତ୍ର ୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଦେନୋଭାନ ଫେରିଇରା ୩୩ ରନ କରିଥିଲେ, ଯେଉଁଥିରେ ସେ ୩ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ସିମରନ ହେଟମେୟର ୧୧ ରନ୍, ରବୀନ୍ଦ୍ର ଜାଡେଜା ଅପରାଜିତ ୪ ରନ୍ ଏବଂ ଜୋଫ୍ରା ଆର୍ଚ୍ଚର ଅପରାଜିତ ୨ ରନ୍ କରିଥିଲେ। ହାଇଦ୍ରାବାଦ ପାଇଁ ଈଶାନ ମାଲିଙ୍ଗା ସର୍ବାଧିକ ୨ଟି ୱିକେଟ ନେଇଥିଲେ। ପ୍ରଫୁଲ୍ଲ ହିଙ୍ଗେ, ପେଟ କମିନ୍ସ, ସାକିବ ହୁସେନ ଏବଂ ନିତିଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ଆଘାତ ହେଲେ ଲୁଙ୍ଗି ଏନ୍‌ଗିଡି

ନୂଆଦିଲ୍ଲୀ୨୬।୪:: ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର ଲୁଙ୍ଗି ଏନ୍‌ଗିଡିଗତକାଲି ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ମୁଣ୍ଡରେ ଆଘାତର ଶିକାର ହୋଇଛନ୍ତି। ପଡିଆରେ ଆଘାତ ପାଇଲା ପରେ ଆଜି ସେ ତାଙ୍କର ପ୍ରଶସଂକମାନଙ୍କୁ ସ୍ୱାସ୍ଥ୍ୟ ସଂପର୍କିତ ଅପଡେଟ୍ ଦେଇଛନ୍ତି। ସେ କହିଛନ୍ତି, ମୁଁ ପୁରା ଠିକ୍ ଅଛି। ଦକ୍ଷିଣ ଆଫ୍ରିକାର ଏହି ଦ୍ରୁତ ବୋଲର ରବିବାର ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଲେଖିଛନ୍ତି, ବାର୍ତ୍ତା ପଠାଇଥିବାରୁ ଧନ୍ୟବାଦ ଜଣାଉଛି। ମୁଁ ଠିକ୍ ଅଛି। ଏନ୍‌ଗିଡିଙ୍କ ସୋସିଆଲ ମିଡିଆ ପୋଷ୍ଟ ପରେ ତାଙ୍କର ପ୍ରଶଂସକମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି।



ଏନ୍‌ଗିଡିଙ୍କୁ ଦିଲ୍ଲୀ ମେକ୍ସ ହସ୍‌ପିଟାଲରୁ ଡିସଚ୍‌ାର୍ଜ କରାଯାଇଛି। ସେ ପଞ୍ଜାବ କିଙ୍ଗ୍ ବିପକ୍ଷରେ ମ୍ୟାଚ୍ ସମୟରେ ମୁଣ୍ଡ ଏବଂ ଗଳାରେ ଆଘାତ ପାଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସର ଅଧକ୍ଷ ସହଯୋଗୀ ମାଲିକ କିରଣ କୁମାର ଗାନ୍ଧୀ ହସ୍‌ପିଟାଲକୁ ଯାଇ ଭେଟିଥିଲେ। ଏହି ଘଟଣା ପଞ୍ଜାବର ଇନିଂସ ସମୟରେ ଘଟିଥିଲା। ପଞ୍ଜାବ ବ୍ୟାଟିଂ କରୁଥିବା ବେଳେ ଦିଲ୍ଲୀ ବୋଲିଂ କରୁଥିଲା। ବୋଲିଂର ତୃତୀୟ ଓଭରର ୩ୟ ବଲରେ ଏହି ଅଘଟଣ ଘଟିଥିଲା। ସେହି ସମୟରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ ବୋଲିଂ କରୁଥିଲେ। ପଞ୍ଜାବ ପାଇଁ ପ୍ରିୟାଂଶ ଆର୍ଯ୍ୟ ବ୍ୟାଟିଂ କରୁଥିଲେ। ପ୍ରିୟାଂଶ ମିଡ୍-ଅଫ୍ ଦିଗରେ ଏକ ବଡ ସର୍ଟ ମାରିବାକୁ ଉଦ୍ୟମ କରିଥିଲେ। ଏନ୍‌ଗିଡି କ୍ୟାଚ୍ ଧରିବାକୁ ପଛରୁ ଦେଉଥିଲେ। କିନ୍ତୁ କ୍ୟାଚ୍‌କୁ ଅକ୍ତିଆର କରିପାରି ନଥିଲେ। କ୍ୟାଚ୍ ଉଦ୍ୟମ ସମୟରେ ତାଙ୍କର ମୁଣ୍ଡର ପଛଭାଗ ମାଟିରେ ଧକ୍କା ହୋଇଥିଲା। ଲୁଙ୍ଗି ଏନ୍‌ଗିଡିଙ୍କୁ ତୁରନ୍ତ ଏକ ଆମ୍ବୁଲାନ୍ସ ମାଧ୍ୟମରେ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଶ୍ୱସ୍ତିର କଥା ହେଲା ଯେ, ତାଙ୍କୁ ଶନିବାର ବିଳମ୍ବିତ ରାତିରେ ଡାକ୍ତରଖାନାରୁ ଡିସଚ୍‌ାର୍ଜ କରାଯାଇଛି। ତାଙ୍କର ଚିକିତ୍ସା ପାଇଁ ଦିଲ୍ଲୀ ପୁଲିସ ମାତ୍ର ୧୧ ମିନିଟରେ ଗ୍ରିନ କରିଡର ପ୍ରସ୍ତୁତ କରିଥିଲା। ଲୁଙ୍ଗି ଏନ୍‌ଗିଡିଙ୍କ ଆଘାତ ମାରାତ୍ମକ ନୁହେଁ ବୋଲି ଡାକ୍ତର କହିଛନ୍ତି।

## ଖଲିଲ ଅହମଦଙ୍କ ସଫଳ ଅସ୍ତ୍ରୋପଚାର

ଚେନ୍ନାଇ: ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) ଦ୍ରୁତ ବୋଲର ଖଲିଲ ଅହମଦଙ୍କ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି। ଏହି ବିଷୟରେ ସିଏସ୍‌କେ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଆଇପିଏଲ୍ ଅବସରରେ ତାଙ୍କର ମାଂସପେଶୀ ଜନିତ ଆହତ ସମସ୍ୟା ଦେଖା ଦେବାରୁ ସେ ପ୍ରତିଯୋଗିତାରୁ ଓହରି ଯାଇଥିଲେ। 'ଖଲିଲଙ୍କ ଅସ୍ତ୍ରୋପଚାର ଶେଷ ହୋଇଛି। ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଛୁ'' ବୋଲି ସିଏସ୍‌କେ ପକ୍ଷରୁ ଟ୍ୱିଟ୍ କରାଯାଇଛି। ଏବେ ଖଲିଲଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ପ୍ରାୟ ୧୨ ସପ୍ତାହ ଲାଗିଯିବ ବୋଲି ସୂଚନା ମିଳିଛି।

ଚଳିତ ମାସ ୧୬ ତାରିଖରେ ଚିପକ ଷ୍ଟାଡିୟମ୍‌ରେ ଖେଳାଯାଇଥିବା କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଡାହାଣ ଜଙ୍ଘ ମାଂସପେଶୀ ଟାଣି ହୋଇଯାଇଥିଲା। ସେ ଚଳିତ ସଂସ୍କରଣରେ ୫ ମ୍ୟାଚ୍ ଖେଳି ୭୩.୦୦ ହାରାହାରି ଓ ୮.୬୭ ଇକୋନୋମିରେ ୨ ୱିକେଟ୍ ନେଇଛନ୍ତି। ଗତ ଋତୁରେ ସିଏସ୍‌କେ ପକ୍ଷରୁ ୧୪ ମ୍ୟାଚ୍ ଖେଳି ୨୯.୮୦ ହାରାହାରି ଓ ୯.୫୭ ଇକୋନୋମିରେ ୧୫ ୱିକେଟ୍ ଅକ୍ତିଆର କରିଥିଲେ। ଆଇପିଏଲ୍ କ୍ୟାରିୟର୍ ଭିତରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ ଓ ସିଏସ୍‌କେ ପକ୍ଷରୁ ଖେଳି ମୋଟ ୯୧ ୱିକେଟ୍ ନେଇଛନ୍ତି।

## ଓ ସି ଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ

# କଟକ ଜିଲ୍ଲା ମହିଳା ଦଳ ବିଜୟୀ



ଖୋର୍ଦ୍ଧା, ୨୫।୪: ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତା ର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଆଜିର ମ୍ୟାଚ୍ ରେ କଟକ ଜିଲ୍ଲା ମହିଳା ଦଳ ଜଗତସିଂପୁର ଜିଲ୍ଲା ମହିଳା ଦଳ କୁ ୧୯୨ ରନରେ ପରାସ୍ତ କରି ବିଜୟୀ ହୋଇଛି।କଟକ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୫ ୱିକେଟ୍ ହରାଇ ୨୪୩ ରନ୍ କରିଥିଲା। ଦଳ ପକ୍ଷରୁ ମୋନାଲିସା ରାଉତ ୬୮ ଟି ବଲ୍ ରୁ ଅପରାଜିତ ୧୩୯ ରନ୍ କରିଥିବାବେଳେ ଅନନ୍ୟା ବେହେରା ଓ ଜୟେସ ନାଏକ ପ୍ରତ୍ୟେକ ୨୩ ରନ୍ କରିଥିଲେ। ଜଗତସିଂପୁର ର ସାଇ ସ୍ମୃତି ବର୍ଦ୍ଧନ ୩ ଟି ୱିକେଟ ନେଇଥିଲେ।ପତ୍ୟୁତର ରେ ଜଗତସିଂପୁର ଦଳ ୨୦ ଓଭର ରେ ୮ ଟି ୱିକେଟ୍ ହରାଇ ମାତ୍ର ୫୧ ରନ୍ କରି ୧୯୨ ରନ୍ ରେ ପରାସ୍ତ ହୋଇଥିଲେ। କଟକ ଦଳ ପକ୍ଷରୁ ଜାହ୍ନବୀ ଷଡ଼ଙ୍ଗୀ ୩ ଟି ଓ ଭବାନୀ ଧଡା ୨ ଟି ୱିକେଟ ଅକ୍ତିଆର କରିଥିଲେ। ଅତିଥି ଭାବେ ପୂର୍ବତନ ପୌରାଧକ୍ଷା, ଖୋର୍ଦ୍ଧା ସଂଯୁକ୍ତା ସାହୁ ଯୋଗ ଦେଇଥିଲେ। କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓ ସି ଏ ର କୋଷାଧକ୍ଷ ବିକାଶ ପ୍ରଧାନ,ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବା ବେଳେ ଅମ୍ପାୟର ରୂପେ ଚିନ୍ମୟ ପଣ୍ଡା, ସ୍ମିଥ୍ ଦଳେଇ ଓ ସ୍କରର ଭାବେ ଉମେଶ ମିଶ୍ର କାର୍ଯ୍ୟ କରିଥିଲେ।

# ଟ୍ୱେଣ୍ଟି-୨୦ରେ ହଜାରେ ରନ୍ କରିବାରେ ସୂର୍ଯ୍ୟବଂଶୀ ଦ୍ରୁତତମ

ଜୟପୁର୨୬।୪:: ଭାରତର ଯୁବ ବ୍ୟାଟର୍ ବୈଭବ ସୂର୍ଯ୍ୟବଂଶୀଙ୍କ ଶତକୀୟ ପାଳି ସତ୍ତ୍ୱେ ଏଠାରେ ଖେଳାଯାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ହାରିଯାଇଥିଲା। ହେଲେ ଏହି ଅବସରରେ ସୂର୍ଯ୍ୟବଂଶୀ ତାଙ୍କ ରେକର୍ଡ ବୁକ୍‌ରେ ଆଉ ଏକ ଅଧ୍ୟାୟ ଯୋଡିଥିଲେ। ସେ ଟ୍ୱେଣ୍ଟି-୨୦ କ୍ରିକେଟ୍‌ରେ ବଲ୍ ମୁକାବିଲାରେ ୧୦୦୦ ରନ୍‌ର ମାଇଲଖୁଣ୍ଟ ଛୁଇଁବାରେ ଦ୍ରୁତତମ ଓ ସର୍ବକନିଷ୍ଠ ହୋଇଛନ୍ତି। ସେ ଏହି ଫଟାଫଟ୍ ଫର୍ମାଟ୍‌ରେ ୪୭୩ ବଲ୍‌ରେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି।



ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ମିଚେଲ ଓ୍ୱେନ୍‌ଙ୍କ ନାମରେ ଥିଲା। ସେ ୫୩୩ ବଲ୍‌ରେ ୧୦୦୦ ରନ୍ ପୂରଣ କରିଥିଲେ। ଚଳିତ ଆଇପିଏଲ୍‌ର ଏହି ୩୬ତମ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୩୬ ବଲ୍‌ରୁ ଶତକ ହାସଲ କରିଥିଲେ। ଯାହା ଆଇପିଏଲ୍‌ରେ ତୃତୀୟ ଦ୍ରୁତତମ ହୋଇଛି। ଦ୍ରୁତତମ ଶତକ ୱେଷ୍ଟଇଣ୍ଡିଜ୍‌ର କ୍ରିସ୍ ଗେଲ୍ (୩୦ ବଲ୍, ୨୦୧୩) ନାଁରେ ଥିଲା ବେଳେ ଦ୍ୱିତୀୟ ଦ୍ରୁତତମ ସୂର୍ଯବଂଶୀ (୩୫ ବଲ୍, ୨୦୨୫)ଙ୍କ ନାଁରେ ରହିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଶନିବାର ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୧୨ ଛକା ଓ ୫ ବାଉଣ୍ଡରି ସହାୟତାରେ ୩୭ ବଲ୍‌ରୁ ୧୦୩ ରନ୍ କରି ଆଉଟ୍ ହୋଇଥିଲେ।

## କେଏଲ୍ ରାହୁଲଙ୍କ କୀର୍ତ୍ତିମାନ

ନୂଆଦିଲ୍ଲୀ: ଆଇପିଏଲ୍ ଇତିହାସରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟର୍ କେ.ଏଲ. ରାହୁଲ। ଶନିବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ସେ ୧୫୨ ରନ୍ କରିବା ସହ ଆଇପିଏଲ୍‌ରେ ଜଣେ ଭାରତୀୟ ଭାବେ ପ୍ରଥମ ଥର ପାଇଁ ୧୫୦ ରନ୍ ଅତିକ୍ରମ କରିଛନ୍ତି। ସେ ମାତ୍ର ୬୭ ବଲ୍‌ରେ ୯ ଛକା ୧୬ ଚୌକା ସହ ଏହି ସ୍କୋର କରିଥିଲେ।

ପୂର୍ବରୁ ଜଣେ ଭାରତୀୟ ବ୍ୟାଟରଙ୍କ ସର୍ବୋଚ୍ଚ ସ୍କୋର୍ ଥିଲା ଅଭିଷେକ ଶର୍ମାଙ୍କ ୧୪୧ ରନ୍। କିନ୍ତୁ ଆଇପିଏଲ୍ ଇତିହାସରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଓ୍ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତି କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି। ୨୦୧୩ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳି ସେ ପୁଣେ ୱାରିୟର୍ସ ବିପକ୍ଷରେ ଅପରାଜିତ ୧୭୫ ରନ କରିଥିଲେ। ୨୦୦୮ରେ ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ କେକେଆର୍ ପକ୍ଷରୁ ଖେଳୁଥିବା ନ୍ୟୁଜିଲାଣ୍ଡ ବ୍ୟାଟର୍ ବ୍ରେଣ୍ଡନ୍ ମ୍ୟାକଲମ୍ ୧୫୮ ରନ୍ କରିଥିଲେ। ଏବେ ତୃତୀୟ ବ୍ୟାଟର୍‌ଭାବେ ଆଇପିଏଲ୍‌ରେ ୧୫୦ ରନ୍ ଟପିଛନ୍ତି ରାହୁଲ୍।

ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ମଧ୍ୟ ରାହୁଲ ସର୍ବୋଚ୍ଚ ବ୍ୟକ୍ତିଗତ ପାଳି ଖେଳିଥିଲେ। ପୂର୍ବତନ ଅଧିନାୟକ ଋଷଭ ପନ୍ତ (୧୨୮ଅ)ଙ୍କୁ ସେ ପଛରେ ପକାଇଥିଲେ। ଆଉ ଏକ ବିରଳ ରେକର୍ଡ ହେଉଛି ୩ଟି ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜି ପାଇଁ ରାହୁଲ ଶତକ ହାସଲ କରିଛନ୍ତି। ପୂର୍ବରୁ ସେ ପଞ୍ଜାବ କିଙ୍ଗ୍ସ ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପାଇଁ ମଧ୍ୟ ଶତକ ହାସଲ କରିଥିଲେ। ମୋଟ ଉପରେ ରାହୁଲ ଆଇପିଏଲ୍‌ରେ ୬ ଶତକ ହାସଲ କରିସାରିଛନ୍ତି।

# ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ଦୀପ୍ତିଙ୍କୁ ପ୍ରଥମ ୫ ୱିକେଟ୍ ସଫଳତା

ଜୋହାନସ୍‌ବର୍ଗ, ୨୬।୪: ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଏବଂ ପ୍ରଥମ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ୫ ୱିକେଟ୍ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମ ବିଜୟ ପାଇଛି। ଏଠାରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ଚତୁର୍ଥ ମ୍ୟାଚ୍‌ରେ ଭାରତ ୧୪ ରନ୍‌ରେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେଇଛି। ଫଳରେ ଆଗୁଆ ୦-୩ରେ ଶୃଙ୍ଖଳା ହାରିଯାଇଥିବା ଭାରତ ସମ୍ମାନ ରକ୍ଷା କରିଛି।

ଟସ୍ ହାରି ପ୍ରଥମ ବ୍ୟାଟିଂ କରିଥିବା ଭାରତ ପାୱାର ପ୍ଲେ ମଧ୍ୟରେ ୪୭ ରନ୍‌ରେ ଶେଫାଳୀ ବର୍ମା (୯) ଓ ଅନୁଷ୍କା ଶର୍ମା (୨୭)ଙ୍କୁ ହରାଇ ଦେଇଥିଲା। ଜେମିମା ରଡ୍ରିଗ୍ସ ଓ ହରମନ୍‌ପ୍ରୀତ କୌର ତୃତୀୟ ୱିକେଟ୍‌ରେ ୫୫ ରନ୍‌ର ଭାଗୀଦାର ଗି ଦଳୀୟ ସ୍କୋର୍ ୧୦୦ ରନ୍ ପାର୍ କରିଥିଲେ। ରଡ୍ରିଗ୍ସ (୨୯ ବଲ୍‌ରୁ ୪୩), ଭାରତୀ ଫୁଲମାଳି (୨) ଓ କୌର (୧୬ ବଲ୍‌ରୁ ୨୨) ଆଉଟ୍ ହେବା ପରେ ଦୀପ୍ତି ଓ ରିଚା ଘୋଷ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋର୍ ୧୮୫/୫ରେ ପହଞ୍ଚାଇଥିଲେ। ଦୀପ୍ତି (୨୬ ବଲ୍‌ରୁ ୩୬ଅ) ଏବଂ ରିଚା ଘୋଷ (୧୮ ବଲ୍‌ରୁ ୩୪ଅ) ଷଷ୍ଠ ୱିକେଟ୍‌ରେ ୬୫ ରନ୍ ଯୋଡିଥିଲେ।

ଜବାବରେ ୩୨ ରନ୍‌ରେ ଲୋରା ଓଲ୍‌ଭାର୍ଟ (୧୮)ଙ୍କୁ ହରାଇବା ପରେ ସୁନ୍ ଲୁସ (୪୦) ଓ ତାଜମିନ୍ ବ୍ରିଟ୍‌ସ (୩୦) ଦ୍ୱିତୀୟ ୱିକେଟ୍‌ରେ ୫୪ ରନ୍ ଯୋଡି ପାଳି ସମ୍ଭାଳି ନେଇଥିଲେ। ହେଲେ ଲୁସ୍‌ଙ୍କୁ ଦୀପ୍ତି ଆଉଟ୍ କରିବା ପରେ ଘରୋଇ ଦଳର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଲୁସ୍‌ଙ୍କ ପରେ ଆନେରି ଡର୍କସେନ୍, କାୟଲା ରେନେକେ, ତୁମି ସେଖୁ ଓ ଆୟାବୋଙ୍ଗା ଖାଖାଙ୍କୁ ଆଉଟ୍ କରି ଦକ୍ଷିଣ ଆଫ୍ରିକା ବ୍ୟାଟିଂ ୟୁନିଟ୍‌କୁ ଦୀପ୍ତି ଭାଙ୍ଗିଦେବାରୁ ଦଳ ୧୭୧/୯ରେ ଅଟକି ଯାଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଦୀପ୍ତି (୩୬ଅ ରନ୍, ୫/୧୯)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

# ହରଭଜନଙ୍କୁ ମିଳିଲା କେନ୍ଦ୍ରୀୟ ସୁରକ୍ଷା ବଳୟ

## ଆପ୍ କର୍ମୀଙ୍କ ବିରୋଧ ପରେ ସୁରକ୍ଷା ଦାୟିତ୍ୱ ନେଲା ସିଆରପିଏଫ୍

ଜଲନ୍ଧର, ୨୬।୪: ପୂର୍ବତନ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂହଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସିଆରପିଏଫ ସୁରକ୍ଷା ପ୍ରଦାନ କରାଯାଇଛି। ଆମ ଆଦମୀ ପାର୍ଟି ଛାଡ଼ି ଭାରତୀୟ ଜନତା ପାର୍ଟିରେ ସାମିଲ ହେବା ପରେ ତାଙ୍କ ପ୍ରତି ବିପଦ ବଢ଼ିଥିବା ଆଶଙ୍କା କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। ସୂଚନା ଅନୁଯାୟୀ, ଗତ ଶନିବାର ପଞ୍ଜାବର ଜଲନ୍ଧରସ୍ଥିତ ହରଭଜନଙ୍କ ବାସଭବନ ବାହାରେ ଆପ୍ କର୍ମୀମାନେ ତୀବ୍ର ବିରୋଧ ପ୍ରଦର୍ଶନ କରିବା ସହ ତାଙ୍କର ଦଳବଦଳକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଘଟଣାର ମାତ୍ର ଗୋଟିଏ ଦିନ ପରେ କେନ୍ଦ୍ର ସରକାର ତାଙ୍କୁ କେନ୍ଦ୍ରୀୟ ସୁରକ୍ଷା ବଳୟ ଯୋଗାଇ ଦେଇଛନ୍ତି। ଏବେ ଦିଲ୍ଲୀ ଓ ପଞ୍ଜାବରେ ସିଆରପିଏଫ କମାଣ୍ଡୋମାନେ ତାଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ।



ହରଭଜନ ସିଂହ ସେହି ସାତ ଜଣ ସାଂସଦଙ୍କ ମଧ୍ୟରୁ ଜଣେ, ଯେଉଁମାନେ ରାଘବ ଚଢ଼ାଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି। ତାଙ୍କୁ କେନ୍ଦ୍ରୀୟ ସୁରକ୍ଷା ମିଳିବା ପୂର୍ବରୁ ପଞ୍ଜାବ ପୋଲିସ ତାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ପୂର୍ବରୁ ତାଙ୍କ ପାଖରେ ୯ ରୁ ୧୦ ଜଣ ପୋଲିସ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ଥିବା ବେଳେ ଶନିବାର ସେମାନଙ୍କୁ ହଟାଇ ଦିଆଯାଇଥିଲା। ତେବେ ରବିବାର ସକାଳୁ ଜଲନ୍ଧରସ୍ଥିତ ତାଙ୍କ ବାସଭବନ ବାହାରେ ସିଆରପିଏଫ ଯବାନମାନଙ୍କୁ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଜେପିରେ ସାମିଲ ହେବା ପରେ ହରଭଜନଙ୍କୁ ଆପ୍ କର୍ମୀଙ୍କ ରୋଷର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ତାଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ରାଜନୈତିକ ବିରୋଧ ଯୋଗୁଁ ଜଣେ ସାଂସଦଙ୍କ ସୁରକ୍ଷା ବ୍ୟବସ୍ଥାରେ ଏଭଳି ପରିବର୍ତ୍ତନ ଆଗାମୀ ଦିନରେ ପଞ୍ଜାବ ରାଜନୀତିରେ ଆଉ କେଉଁ ନୂଆ ମୋଡ଼ ଆଣିବ, ତାହା ଦେଖିବାକୁ ବାକି ରହିଲା।

## ଅଭିଷେକଙ୍କ ଫ୍ୟାନ ଗର୍ଲଙ୍କ ଉନ୍ମତ କାଣ୍ଡ !

ନୂଆଦିଲ୍ଲୀ, ୨୬।୪: ସନରାଇଜର୍ସ ହାଇଦ୍ରାବାଦର ଯୁବ ଓପନର ଅଭିଷେକ ଶର୍ମାଙ୍କ ଅପାର ଲୋକପ୍ରିୟତା କୌଣସି ଲୁଚାଛପା କଥା ନୁହେଁ। ବହୁତ କମ ସମୟ ମଧ୍ୟରେ, ଅଭିଷେକ ଯୁବତୀମାନଙ୍କ ମଧ୍ୟରେ ଏକ ବଡ଼ କ୍ରସ ହୋଇଯାଇଛନ୍ତି – କେବଳ ବ୍ୟାଟ ସହିତ ତାଙ୍କର ଦକ୍ଷତା ପାଇଁ ନୁହେଁ ବରଂ ତାଙ୍କର ଆକର୍ଷଣୀୟ ଲୁକ ଏବଂ ଷ୍ଟାଇଲିସ ଆଚରଣ ପାଇଁ ମଧ୍ୟ। ପ୍ରଶଂସକମାନେ ପ୍ରାୟତଃ ତାଙ୍କର ଏକ କ୍ଷଣିକ ଝଲକ ଦେଖିବାକୁ ମଧ୍ୟ ବ୍ୟାକୁଳ ହୁଅନ୍ତି; ତଥାପି, ଏପରି ସମୟ ଆସେ ଯେତେବେଳେ ସେମାନେ ସୀମା ପାର କରନ୍ତି। ଏପରି ଏକ ଘଟଣା ସମ୍ପ୍ରତି ପ୍ରକାଶ ପାଇଛି ଯେତେବେଳେ, ଜଜ ବିପକ୍ଷ ମ୍ୟାଚ୍ ପୂର୍ବରୁ, ଜଣେ ମହିଳା ପ୍ରଶଂସକ ଅଭିଷେକଙ୍କ ହାତ ଧରିଥିଲେ। ଏହି ଘଟଣା ପରେ, ହାଇଦ୍ରାବାଦ ବ୍ୟାଟସମ୍ୟାନ ସ୍ପଷ୍ଟ ଭାବରେ ଅସନ୍ତୁଷ୍ଟ ଦେଖାଯାଉଥିଲେ। ଭାଇରାଲ ଭିଡିଓରେ ଅଭିଷେକ ଟିମ ହୋଟେଲରୁ ଷ୍ଟାଡିୟମକୁ ଯାଉଥିବା ମୁହୂର୍ତ୍ତକୁ କଏଦ କରାଯାଇଛି। ଯେତେବେଳେ ପ୍ରଶଂସକ ଝିଅଟି ତାଙ୍କ ହାତ ଧରି ନିଜ ଆଡ଼କୁ ଟାଣିବାକୁ ଚେଷ୍ଟା କରୁଛନ୍ତି, ସୁରକ୍ଷା ଟିମ୍ ତୁରନ୍ତ ହସ୍ତକ୍ଷେପ କରି ଖେଳାଳିଙ୍କୁ ସୁରକ୍ଷିତ ଭାବରେ ଘଟଣାସ୍ଥଳରୁ ଦୂରେଇ ନେଇଗଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ